ଆମର ପ୍ରତିବଦ୍ଧତା

ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

YouTube

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 13 ♦ CUTTACK ♦ WEEKLY ♦ 30 MARCH TO 05 APRIL 2026♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୧୩ ♦ କଟକ♦ ସାପ୍ତାହିକ ♦ ୩୦ ମାର୍ଚ୍ଚ ରୁ -୦୫ ଏପ୍ରିଲ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


## ସମ୍ବଲପୁରର ସୁଜାତା ମହିଳା ସଶକ୍ତୀକରଣର ଅନନ୍ୟ ଉଦାହରଣ : ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ/ଭୁବନେଶ୍ୱର: ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ'ର ୧୩୨ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ସଂସ୍କରଣରେ ସେ ଦେଶ-ବିଦେଶର ବିଭିନ୍ନ ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଜଣ ଓଡ଼ିଆଙ୍କୁ ମଧ୍ୟ ବହୁତ ପ୍ରଶଂସା କରିଛନ୍ତି। ସେ ଯେଉଁ ଦୁଇ ଜଣ ଓଡ଼ିଆଙ୍କୁ ପ୍ରଶଂସା କରିଛନ୍ତି, ସେମାନେ ହେଲେ ସମ୍ବଲପୁରର ସୁଜାତା ଭୂୟାଁ ଏବଂ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଜାତା ଭୂୟାଁଙ୍କ ନାମ ନେଇ ମହିଳା ସଶକ୍ତୀକରଣର ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ସୁଜାତା ଜଣେ ଗୃହିଣୀ। କିନ୍ତୁ ସେ କିଛି ଭିନ୍ନ କାମ କରିବା ସହିତ ପରିବାରର ଉନ୍ନତିରେ ଭାଗିଦାରୀ ହେବାକୁ ଚିନ୍ତା କରିଥିଲେ। ଏଥି ପାଇଁ ସେ କିଛି ବର୍ଷ ପୂର୍ବରୁ ହୀରାକୁଦ ଜଳଭଣ୍ଡାରରେ ଫିସ୍ ଫାର୍ମିଂ (ମତ୍ସ୍ୟ ପାଳନ) ଆରମ୍ଭ କରିଥିଲେ। କିନ୍ତୁ ସୁଜତାଙ୍କର ଏହି ଯୋଜନା ସହଜ ନଥିଲା। କାରଣ ପାଣିପାଗ ଏବଂ ଅନ୍ୟ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ସେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ମତ୍ସ୍ୟପାଳନ କରିବା ଏବଂ ପରିବାରର ଦାୟିତ୍ୱ ତୁଲାଇବା ମଧ୍ୟରେ ସେ କଠିନ ସମୟର ସାମ୍ନା କରିଥିଲେ। ମାତ୍ର ଏସବୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସେ ତାଙ୍କର ଆଶାକୁ ଦୁଇରୁ ତିନ ବର୍ଷ ମଧ୍ୟରେ ସଫଳତାର ଶୀର୍ଷରେ ପହଞ୍ଚାଇଥିଲେ। ତାଙ୍କର ସଫଳତା ଆଜିର ଦିନରେ ସମାଜର ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି। ପ୍ରଧାନମନ୍ତ୍ରୀ ମୋଦୀ ଦେଶର ବିକାଶରେ ଯୁବଗୋଷ୍ଠୀଙ୍କ ଚିନ୍ତାଧାରାକୁ ଗୁରୁତ୍ୱପୂର୍ଣ୍ଣ ମନେ କରିଛନ୍ତି। ମନ କୀ ବାତ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ଦେଶ ବିକାଶ ପାଇଁ ପରାମର୍ଶ ଦେଉଛନ୍ତି। ଏହା ମୋତେ ବହୁତ ଖୁସି ପ୍ରଦାନ କରୁଛି। ଦେଶ ବିକାଶ ନେଇ ସେ କହିଛନ୍ତି, ଯୁବଗୋଷ୍ଠୀର ଉଦ୍ୟମରେ କୃଷି, ମହିଳା ସଶକ୍ତିକରଣ ଏବଂ ପରିବେଶର ବିକାଶ ହୋଇପାରିବ। ଏସବୁ କ୍ଷେତ୍ରରେ ତେଲେଙ୍ଗାନାର ସୂର୍ଯ୍ୟପେଟା ନିକଟ କୋଟଲା ରଘୁବୀର ରେଡ୍ଡୀ, ଉତ୍ତର ପ୍ରଦେଶର ବାରବାଙ୍କିର ସୌରଭ ବୈଶ୍ୱର ଏବଂ ବିହାରର ଗୋପାଳଗଞ୍ଜର ସୁମିତ କୁମାରଙ୍କ ନାମ ନେଇଛନ୍ତି। ଏମାନେ କୃଷକ କଲ୍ୟାଣ ଉପରେ ସେମାନଙ୍କର ଚିନ୍ତାଧାରା ଉପସ୍ଥାପନ କରିଥିଲେ। ସେହିପରି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅନୁଗୋଳକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ୧୮୩ କୋଟିର ଭେଟି

### ଛେଣ୍ଡିପଦାରେ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ
### ବିଧାୟକ ଅଗସ୍ତି ବେହେରାଙ୍କ ସହଯୋଗରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ




**ଅନୁଗୋଳ(ଏନ୍.ଏମ୍.) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲା ବଅଁରପାଳ ସ୍ଥିତ ଡେରଜାଙ୍ଗ ଠାରେ ବହୁପ୍ରତୀକ୍ଷିତ 'ବୋଟିଂ ସୁବିଧା'ର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅନୁଗୋଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ। ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ, ଏହି ଅଞ୍ଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି। ଡବଲ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଗ୍ରହଶାନ୍ତି ପାଇଁ ସ୍ତ୍ରୀଙ୍କୁ ବିଧବା ସଜାଇଲେ
## ମୃତ୍ୟୁ ନାଟକ ରଚି ପୁନଃବିବାହ ପାଇଁ ଯୋଜନା



**ଢେଙ୍କାନାଳ(ଏନ୍.ଏମ୍.):** ଗ୍ରହଦୋଷ କଟିବା ପାଇଁ ମୁଣ୍ଡା ସଂପ୍ରଦାୟରେ ଆଜି ମଧ୍ୟ ଅନ୍ଧବିଶ୍ୱାସ ପରମ୍ପରା ଜାରି ରହିଛି। ବିବାହିତ ସ୍ତ୍ରୀକୁ ବିଧବା କରାଇବା ପରେ ପୁଣି ସଧବା ବେଶରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ୩୬ ଆଇପିଏସ୍‌ଙ୍କୁ ଡିଜିପିଙ୍କ ତାଗିଦ



**ଭୁବନଶ୍ୱେର(ଏନ୍.ଏମ୍.):** କଟକ ଭୁବନେଶ୍ୱରରେ କାର୍ଯ୍ୟରତ କିଛି ବରିଷ୍ଠ ଆଇପିସି ଅଧିକାରୀ ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି। ରାଜ୍ୟ ପୋଲିସର ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ ଅଧିକାରୀମାନଙ୍କ ଅନୁପସ୍ଥିତିକୁ ନେଇ ପୋଲିସ ମହାନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣିକି ବିନା ଅନୁମତିରେ କୌଣସି ଅଧିକାରୀ କାର୍ଯ୍ୟକ୍ରମରୁ ବାଦ୍ ପଡ଼ିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଓ ଭୁବନେଶ୍ୱରରେ ଅବସ୍ଥାପିତ ପ୍ରାୟ ୩୬ ଜଣ ବରିଷ୍ଠ ଅଧିକାରୀଙ୍କୁ ସତର୍କ କରାଯାଇଛି। ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ଅଧିକାରୀ ଯଦି ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଯୋଗୁଁ ଅନୁପସ୍ଥିତ ରହିବାକୁ ଚାହାନ୍ତି। ତେବେ ସେଥିପାଇଁ ସେମାନଙ୍କୁ ପୋଲିସ ମହାନିର୍ଦ୍ଦେଶକଙ୍କ ଠାରୁ ଆଗୁଆ ଅନୁମତି ନେବାକୁ ପଡ଼ିବ।

## ବାରବାଟୀକୁ ଫେରିଲା ଅନ୍ତର୍ଜାତୀୟ ମ୍ୟାଚ
## ଡିସେମ୍ବରରେ ଭାରତ-ଶ୍ରୀଲଙ୍କା ମୁକାବିଲା



**କଟକ(ଏନ୍.ଏମ୍.):** କଟକର ଐତିହାସିକ ବାରବାଟୀ ଷ୍ଟାଡିୟମକୁ ଫେରିବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟର ରୋମାଞ୍ଚ। ଡିସେମ୍ବର ୨୪ ତାରିଖରେ ବାରବାଟୀରେ ଟି-୨୦ ମ୍ୟାଚ୍ ଖେଳାଯିବ। ଦୀର୍ଘ ଦିନର ବ୍ୟବଧାନ ପରେ ବାରବାଟୀରେ ଭାରତ ଓ ଶ୍ରୀଲଙ୍କା ପରସ୍ପରର ସାମ୍ନା କରିବେ। ୨୦୨୬-୨୭ ପାଇଁ ବିସିସିଆଇ ଖେଳସୂଚୀରୁ ସ୍ପଷ୍ଟ ହୋଇଛି। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ। ଶ୍ରୀଲଙ୍କା ଭାରତ ଗସ୍ତରେ ଆସି ୩ଟି ଓଡିଆଇ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ। ୩ ମ୍ୟାଚ୍ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବାରବାଟୀରେ ଖେଳିବ। ରାଜକୋଟରେ ଶ୍ରୀଲଙ୍କା ପ୍ରଥମ ଓ ପୁଣେରେ ତୃତୀୟ ଟି-୨୦ ଖେଳିବ। ଶେଷଥର ପାଇଁ ୨୦୧୭ ମସିହାରେ ବାରବାଟୀ ଷ୍ଟାଡିୟମରେ ଏହି ଦୁଇ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ସେହି ମ୍ୟାଚ୍‌ରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଶ୍ରୀଲଙ୍କାକୁ ୯୩ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା।

## ଓଏଚ୍‌ଆରସି ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଲେ ଜଷ୍ଟିସ ଶତ୍ରୁଘନ ପୂଜାହାରୀ




**କଟକ(ଏନ୍.ଏମ୍.):** ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି)ର ଅଧ୍ୟକ୍ଷ ଭାବେ ପୁଣି ଜଷ୍ଟିସ ଶତ୍ରୁଘନ ପୂଜାହାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟପାଳ କମିସନ ଅଧ୍ୟକ୍ଷ ଭାବେ ଜଷ୍ଟିସ ପୂଜାହାରୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ଆଜି ଆଇନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ ମାନବାଧିକାର କମିସନ ଅଧ୍ୟକ୍ଷ ଭାବେ ଜଷ୍ଟିସ ପୂଜାହାରୀଙ୍କ କାର୍ଯ୍ୟକାଳ ଗତ ଫେବ୍ରୁଆରି ମାସରେ ଶେଷ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଯେ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ୨୦୧୩ ନଭେମ୍ବର ୨୯ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ୨୦୧୭, ନଭେମ୍ବର ୨୨ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିବା ପରେ ତାଙ୍କର ମାଡ୍ରାସ ହାଇକୋର୍ଟକୁ ବଦଳି ହୋଇଥିଲା। ଏହା ପରେ ମାଡ୍ରାସ ହାଇକୋର୍ଟରୁ ତାଙ୍କର ବଦଳି ପରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅତ୍ୟାବଶ୍ୟକ ଦ୍ରବ୍ୟ ଉପଲବ୍ଧି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର(ଏନ୍.ଏମ୍.) :** ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଅଧ୍ୟକ୍ଷତା କରିଥିଲେ। ସୂଚନାନୁସାରେ, ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟସ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି। ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡ଼ିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରବିଋତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆତଙ୍କିତ ନହୁଅନ୍ତି, ସେଥିପ୍ରତି ସରକାରୀସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍.ଏନ୍.ଜି ପାଇଁ ଭାରତ ବିଭିନ୍ନ ଗଲ୍‌ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲ୍.ପି.ଜି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଏ ସବୁ ସାମଗ୍ରୀର ଉପଲବ୍ଧତା ଓ ବଣ୍ଟନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ଏହି ବୈଠକ ଡାକିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

## ବଢ଼ିବନି ବିଧାୟକଙ୍କ ଦରମା
### ବିରୋଧୀଙ୍କ ହଙ୍ଗାମା : ସୋମବାର ଯାଏଁ ବିଧାନସଭା ମୁଲତବୀ



**ଭୁବନେଶ୍ୱର(ଏନ୍.ଏମ୍.):** ଆସନ୍ତା ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ। ବିରୋଧୀଙ୍କ ହଙ୍ଗାମା ଭିତରେ ସୋମବାର ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କରାଯାଇଛି। ଆଜି ମଧ୍ୟ ଚାଲିପାରିନି ବିଧାନସଭା। ପ୍ରଶ୍ନକାଳ ଆରମ୍ଭରୁ ଗୃହରେ ଏସସିବି ଅଗ୍ନିକାଣ୍ଡ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗକୁ ନେଇ ବିରୋଧୀମାନେ ପ୍ରବଳ ହଙ୍ଗାମା କରିଥିଲେ। ଯାହାକୁ ନେଇ ବାଚସ୍ପତି ସାଢେ ୧୧ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବିଧାନସଭା ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ। ଏବଂ ଏସସିବି ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ତେବେ ଗତ ୧୭ ତାରିଖରୁ ଏସ୍‌ସିବି ମେଡ଼ିକାଲ ଅଗ୍ନିକାଣ୍ଡ ପ୍ରସଙ୍ଗକୁ ନେଇ ଲଗାତାର ଭାବେ ବିରୋଧୀମାନେ ଗୃହରେ ହଙ୍ଗାମା କରିଆସୁଛନ୍ତି। ଠିକ୍ ସେହିପରି ବଢିବନି ବିଧାୟକ ମାନଙ୍କ ଦରମା। ଦରମା ବୃଦ୍ଧି ବିଲ୍ ପ୍ରତ୍ୟାହାର ପାଇଁ ବିଧାନସଭାରେ ନୋଟିସ ଆଣିଲେ ସଚିବ। ମଉଳିଲା ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି ଆଶା। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନୋଟିସ ଆଧାରରେ ଏହି ବିଲ୍ ପ୍ରତ୍ୟାହାର ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ଡିସେମ୍ବର ୯ ରେ ବିଧାନସଭାରେ ପାରିତ ହୋଇଥିବା ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ବୃଦ୍ଧି ସଂପର୍କିତ ୪ ବିଲ୍ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର। ବିଲ୍ ପ୍ରତ୍ୟାହାର ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ମଧ୍ୟ ବିଧାୟକମାନେ ଏହାର ପୁନଃ ବିଚାର ପାଇଁ ଦାବି କରିଛନ୍ତି। ଗତ ଶୀତ ଅଧିବେଶନରେ ସର୍ବସମ୍ମତି କ୍ରମେ ବିଧାନସଭାରେ ପାରିତ ହୋଇଥିଲା ବିଧାୟକ ଏବଂ ମନ୍ତ୍ରୀଙ୍କ ବର୍ଦ୍ଧିତ ଦରମା ବିଲ୍। ଏକା ବେଳକେ ପ୍ରାୟ ସାଢେ ୩

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀଙ୍କୁ ଅବହେଳା
## ପ୍ରଶାସନିକ ଅବହେଳାର ଶିକାର ସ୍ୱର୍ଗତ ତୁଡୁକୁ ଶବରଙ୍କ ପତ୍ନୀ ମାଙ୍ଗି

**ରାୟଗଡ଼ା(ଏନ୍.ଏମ୍.):** ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଅବହେଳା। ସରକାରୀ ସହାୟତା ପ୍ରଦାନ ପାଇଁ କୁନ୍ଥକୁନ୍ଥ ପ୍ରଶାସନ। ମାସିକ ଭତ୍ତାକୁ ଛାଡ଼ିଦେଲେ କୌଣସି ସହାୟତା ମିଳିନାହିଁ। ବାରମ୍ବାର ନେହୁରା ପରେ ମଧ୍ୟ ଆବାସ ଯୋଜନାରେ ସାମିଲ ହୋଇ ନ ପାରିବାରୁ ନାତିଘରେ ମୁଣ୍ଡ ଗୁଞ୍ଜିଛନ୍ତି ସଂଗ୍ରାମୀଙ୍କ ଦାୟାଦ। ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ କୁଜେନ୍ଦ୍ରୀ ଗ୍ରାମର ଅନେକ ଆଦିବାସୀ ନେତା ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଭୂଦାନ ଆନ୍ଦୋଳନର ମୁଖ୍ୟ ତଥା କୋରାପୁଟିଆ ଗାନ୍ଧୀ ଭାବେ ପରିଚିତ ବିଶ୍ୱନାଥ ପଟ୍ଟନାୟକଙ୍କ ଆହ୍ୱାନରେ ତୁଡୁକୁ ଶବର ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଦେଶ ପାଇଁ ଲଢ଼ିଥିଲେ। ତୁଡୁକୁ ଶବରଙ୍କୁ କେନ୍ଦ୍ର ସରକାର ୧୯୭୫ରେ ପେନ୍ସନ୍ ସହ ରାଷ୍ଟ୍ରପତିଙ୍କ ଦ୍ୱାରା ତାମ୍ରଫଳକ ପ୍ରଦାନ କରିଥିଲେ। ପେନ୍ସନ୍ ପାଇବାର ୩/୪ ବର୍ଷ ପରେ ତୁଡୁକୁଙ୍କ ମୃତ୍ୟୁ ହୋଇଥିଲା। ଏହା ପରଠାରୁ ତାଙ୍କ ପତ୍ନୀ ମାଙ୍ଗି ଶବରଙ୍କୁ କୌଣସି ପ୍ରକାର ସରକାରୀ ସୁବିଧା ମିଳିଲାନି। ଅନ୍ୟମାନଙ୍କ ଭଳି ବାର୍ଦ୍ଧକ୍ୟ ଭତ୍ତା



ମାଙ୍ଗିଙ୍କୁ ମିଳୁଛି। ହେଲେ ସ୍ୱାମୀଙ୍କ ମୃତ୍ୟୁର ୪୦ବର୍ଷ ପରେ ବି ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ପାଇଁ ମିଳୁଥିବା ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହୋଇ ଆସିଛନ୍ତି ୯୦ ବର୍ଷ ବୟସ ଟପିଥିବା ମାଙ୍ଗି। ସ୍ୱାଧୀନତା ସଂଗ୍ରାମୀଙ୍କୁ ସରକାର ଦେଉଥିବା ସ୍ୱତନ୍ତ୍ର ପେନ୍ସନ୍ ମଧ୍ୟ ମାଙ୍ଗିଙ୍କୁ ମିଳିପାରିନି। ସ୍ୱାଧୀନତା ସଂଗ୍ରାମୀ ତୁଡୁକୁଙ୍କ ପତ୍ନୀ ମାଙ୍ଗି ଭୂମିହୀନ ହୋଇଥିବା ସତ୍ତ୍ୱେ ପ୍ରଶାସନ ଆବାସ ଯୋଜନାରେ ଘର ଖଣ୍ଡେ ଦେବାରେ ଅବହେଳା କରି ଆସିଛି। ମାଙ୍ଗି ଅସହାୟ ଅବସ୍ଥାରେ ନାତିଙ୍କ ଘରେ ଆଶ୍ରୟ ନେଇଛନ୍ତି। କୁଜେନ୍ଦ୍ରୀ ସରପଞ୍ଚ ରମେଶ ଶବର କହିଛନ୍ତି, ମାଙ୍ଗି ବହୁବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇ ନେହୁରା ହୋଇଛନ୍ତି, ହେଲେ କେହି ତାଙ୍କ ସମସ୍ୟା ଶୁଣିନାହାନ୍ତି। ସ୍ୱାଧୀନତା ସଂଗ୍ରାମ ଇତିହାସରେ କୁଜେନ୍ଦ୍ରୀ ଗାଁର ଅବଦାନ ଲିପିବଦ୍ଧ ହୋଇ ରହିଛି। ତଥାପି ମାଙ୍ଗୀଙ୍କ ସମସ୍ୟା ଦୂର ତଥା ଗାଁକୁ ସ୍ମାରକୀ ଭାବେ ଘୋଷଣା ନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।

## ଜବତ ହେଲା ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନୀଳଜହର



**ମୋହନା(ଏନ୍.ଏମ୍.) :** ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହୋଇ ରହିଥିଲା ଗଞ୍ଜେଇ। ଖବର ପାଇ ଧରିଲା ପୁଲିସ। ଘର, ବାରି ଓ ଗୁହାଳରୁ ବାହାରିଲା ୪କୋଟି ଟଙ୍କାର ଗଞ୍ଜେଇ। ଗଜପତି ଜିଲ୍ଲା ମୋହନ ଅଞ୍ଚଳରୁ ସାମ୍ନାକୁ ଆସିଛି ଏଭଳି ଘଟଣା। ବିଶେଷ ସୂତ୍ରରୁ ଖବର ପାଇ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶରେ ଅଡ଼ବା ଥାନା ଅନ୍ତର୍ଗତ କେଶରୀଗୁଡ଼ା ଗ୍ରାମର ବିଭିନ୍ନ ସ୍ଥାନରେ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ରା.ଉଦୟଗିରି ଏସଡ଼ିପିଓ ରାକେଶ ସାହୁ, ମୋହନା ଥାନାଧିକାରୀ ଓମ ନାରାୟଣ ପାତ୍ର, ଅଡ଼ବା ଥାନାଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା, ରାମଗିରି ଥାନାଧିକାରୀ ଡ଼ି. ଗଜପତି ଦୋରାଙ୍କ ସମେତ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସୁନିଲ କୁମାର ସେଠୀ ଓ ସମସ୍ତ ଥାନାର କର୍ମଚାରୀ ମିଳିତ ଭାବେ ଦୁର୍ବୃତ୍ତଙ୍କ ଘର, ବାରି, ଗୁହାଳ ଓ ଜଙ୍ଗଲରେ ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ପୁଲିସକୁ ଦୂରରୁ ଦେଖି ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ପୁଲିସ ୨୦୨ଟି ପ୍ଲାଷ୍ଟିକ ଜରି ଅଖାରେ ୪୦କ୍ୱିଣ୍ଟାଲ ୬୦କିଲୋ ଗଞ୍ଜେଇ ଜବତ କରିଥିଲା। ମୋହନା ତହସିଲଦାର ତଥା ମାଜିଷ୍ଟ୍ରେଟ ଚକ୍ରଧର ପାଢ଼ୀଙ୍କ ଉପସ୍ଥିତିରେ ଗଞ୍ଜେଇ ବସ୍ତା ଗୁଡ଼ିକୁ ଓଜନ କରାଯାଇଥିଲା। ଯାହାର ଅନୁମାନିକ ବଜାର ମୂଲ୍ୟ ୪କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ପକ୍ଷରୁ କୁହାଯାଇଛି। ଖୁବଶୀଘ୍ର ଏହି କାର୍ଯ୍ୟରେ ସଂପୃକ୍ତ ମାଫିଆ ମାନଙ୍କୁ ଗିରଫ କରିବା ପାଇଁ ୩ଟି ଦଳ ଗଠନ କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା କହିଛନ୍ତି।

# କେଡି : ଦ ଡେଭିଲର ବଦଳିବ ବିବାଦୀୟ ଗୀତ



**ଚେନ୍ନାଇ(ଏଜେନ୍ସି) :** କନ୍ନଡ଼ ଫିଲ୍ମ ''କେଡି : ଦ ଡେଭିଲ୍'' ଏକ ବିବାଦୀୟ ଗୀତକୁ ନେଇ ଏବେ ସିଙ୍ଗର ମଙ୍ଗଲୀ ତାଙ୍କର ନୀରବତା ଭାଙ୍ଗିଛନ୍ତି । ଗୀତର ଲିରିକ୍ସକୁ ନେଇ ସୋସିଆଲ ମିଡିଆରେ ବିରୋଧ ଏବଂ ଉତ୍ତେଜନା ସୃଷ୍ଟି ହେବା ପରେ ମଙ୍ଗଲୀ ଗତକାଲି ସାର୍ବଜନିକ ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି । ଏହାରି ମଧ୍ୟରେ ଲୋକଙ୍କ ଭାବନାକୁ ଆଘାତ ହୋଇଛି ଏବଂ ଜଣେ ସିଙ୍ଗର ଭାବେ ସେ ଏହାକୁ ସମ୍ମାନ କରନ୍ତି ବୋଲି ସ୍ୱୀକାର କରିଛନ୍ତି । ବିବାଦୀୟ ଲିରିକ୍ସକୁ ସଂଶୋଧନ କରାଯିବ ଏବଂ ଏହାର ନୂଆ ଭର୍ସନ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମ୍ନାକୁ ଆସିବ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି । ରିଲିଜ ହୋଇଥିବା ଏହି ଗୀତର ସମସ୍ତ ହିନ୍ଦୀ, କନ୍ନଡ଼, ମାଲାୟାଲାମ, ତାମିଲ ଏବଂ ତେଲୁଗୁ ଭାଷାକୁ ହଟାଇ ଦିଆଯାଇଛି । ଏଥିସହିତ ମଙ୍ଗଲୀ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ''ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ସମସ୍ତ ପ୍ଲାଟଫର୍ମରୁ ଗୀତକୁ ହଟାଇ ଦିଆଯାଇଛି । ଅଜାଣତରେ ହୋଇଥିବା ଭୁଲ୍ ପାଇଁ ସମସ୍ତଙ୍କୁ ଆନ୍ତରିକ ଭାବେ କ୍ଷମା ମାଗୁଛି । କାହାର ଭାବନାକୁ ଆଘାତ ଦେବା ଆମର ଉଦ୍ଦେଶ୍ୟ ନଥିଲା । ଏହି ଭୁଲ୍ ପାଇଁ ଆମେ ଦୁଃଖିତ ।''ଗୀତର ଲିରିକ୍ସକୁ ସଂଶୋଧନ କରି ବର୍ତ୍ତମାନ ଅପଡେଟ୍ କରାଯାଇଛି । ଯାହା ଖୁବଶିଘ୍ର ରିଲିଜ ହେବ ଏବଂ ଏଭଳି ଭୁଲ୍ କେବେ ନହେବ ବୋଲି ମଧ୍ୟ ସମସ୍ତଙ୍କୁ ଆଶ୍ୱସନା ଦେଇଛନ୍ତି । ଏହାରି ମଧ୍ୟରେ ମଙ୍ଗଲୀ ମ୍ୟୁଜିକ୍ ଡାଇରେକ୍ଟର ଏବଂ ଫିଲ୍ମ ନିର୍ମାତା ତାଙ୍କୁ ସହଯୋଗ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ବ୍ୟତୀତ ସିଙ୍ଗର ତାଙ୍କ କ୍ଷମା ପ୍ରାର୍ଥନା ପୋଷ୍ଟର କମେଣ୍ଟକୁ ବନ୍ଦ କରି ଦେଇଛନ୍ତି । ଅନ୍ୟପଟେ ଏହି ବିବାଦ ପରେ ନୋରା ତାଙ୍କ ଇନଷ୍ଟାଗ୍ରାମ ପେଜରେ ନିଜର ବୟାନ ରଖିଥିଲେ । ହେଲେ ଏବେ ନୋରା ଏହି ବିବାଦ ଠାରୁ ଦୂରେଇ ରହିବା ସହ କହିଛନ୍ତି ଯେ, ''ମୁଁ ଦେଖୁଛି ଯେ କିଛି ଲୋକ ଏହି ସୁଯୋଗର ଫାଇଦା ଉଠାଇ ମୋ ଚରିତ୍ରକୁ ଖରାପ କରିବାକୁ ଚେଷ୍ଟା କରୁଛନ୍ତି । ଏହା ଖୁବ୍ ଦୁଃଖଦଦାୟକ । ପରବର୍ତ୍ତୀ ସମୟରେ ମୁଁ ଏବଂ ମୋ ଟିମ୍ ଅଧିକ ସତର୍କ ରହିବୁ । ଏହି ଗୀତକୁ ନେଇ ତାଙ୍କର କୌଣସି ଜ୍ଞାନ ନଥିଲା ବୋଲି ମଧ୍ୟ ସେ ପୁଣି ଥରେ କହିଥିଲେ । ମୁଁ ଏହି ଗୀତରେ ପରଫର୍ମ କରି ନଥିଲି ଏବଂ ମୋ ଫଟୋ ସହିତ ଏହାର ବ୍ୟବହାରକୁ ଅନୁମତି ଦିଆଯାଇନଥିଲା ।

# ଚର୍ଚ୍ଚାରେ ରଣବୀର ସିଂଙ୍କ ଫିଲ୍ମ ଧୁରନ୍ଧର ୨



ମୁମ୍ବାଇ (ଏଜେନ୍ସି) : ରଣବୀର ସିଂଙ୍କ ଫିଲ୍ମ 'ଧୁରନ୍ଧର ୨' ରିଲିଜର ତୃତୀୟ ଦିନ ଅର୍ଥାତ୍ ଶନିବାର ଭାରତରେ ୧୧୩ କୋଟି ଟଙ୍କା ଆୟ କରିଛି । ଫିଲ୍ମର ପେଡ୍ ପ୍ରିଭ୍ୟୁ (ଦେୟଯୁକ୍ତ ପ୍ରିଭ୍ୟୁ) ସମେତ ତିନି ଦିନରେ ଫିଲ୍ମର ମୋଟ କଲେକ୍ସନ ହୋଇଛି ୩୩୯.୨୭ କୋଟି ଟଙ୍କା । ୧୯ ମାର୍ଚ୍ଚରେ ମୁକ୍ତିଲାଭ କରିଥିଲା ଏହି ଫିଲ୍ମ । ବର୍ତ୍ତମା ଫିଲ୍ମ ସାରା ବିଶ୍ୱରେ ଚହଳ ପକାଇଛି । ଫିଲ୍ମଟି ସାରା ବିଶ୍ୱରେ ୫୦୦ କୋଟି ଟ ଆୟ କରିଛି ଏବଂ ତୃତୀୟ ଦିନର ଆୟରେ ଜବାନ, ବାହୁବଳୀ ୨ ଓ ଦଙ୍ଗଲ ଭଳି ବଡ଼ ଫିଲ୍ମକୁ ପଛରେ ପକାଇ ଦେଇଛି । 'ଧୁରନ୍ଧର ୨' ଏପର୍ଯ୍ୟନ୍ତ ବିଦେଶରେ ପାଖାପାଖି ୯୬.୫୦ କୋଟି ଟଙ୍କା ରୋଜଗାର କରିସାରିଛି, ଯେଉଁ କାରଣରୁ ସାରା ବିଶ୍ୱରେ ଫିଲ୍ମର ମୋଟ କଲେକ୍ସନ ହୋଇଯାଇଛି ୫୦୧.୦୪ କୋଟି ଟଙ୍କା । ତୃତୀୟ ଦିନରେ ୨୦,୯୧୭ଟି ଶୋ'ରେ ଫିଲ୍ମର ୮୧.୬% ଅକ୍ୟୁପାନ୍ସି ରହିଥିଲା । ହିନ୍ଦୀ ଭର୍ସନ ୧୦୫ କୋଟି ସହିତ ସର୍ବାଧିକ ଆୟ କରିଥିଲା । ତେଲୁଗୁରେ ୫ କୋଟି ଏବଂ ତାମିଲରେ ୨.୯୫ କୋଟିର କଲେକ୍ସନ ହୋଇଥିଲା । ଧୁରନ୍ଧର ୨ ତୃତୀୟ ଦିନରେ ବକ୍ସ ଅଫିସରେ ଶାନଦାର ରୋଜଗାର ସହିତ ୭ଟି ଫିଲ୍ମର ରେକର୍ଡ ଭାଙ୍ଗି ଦେଇଛି । ମାତ୍ର ତିନି ଦିନରେ ଧୁରନ୍ଧର-୨ ୩୩୯.୨୭ କୋଟି ଟଙ୍କା ଆୟ କରିଛି, ଯେଉଁଥିରେ ହିନ୍ଦୀ ଭର୍ସନ ୧୦୫ କୋଟି ଟଙ୍କାର ବିଜିନେସ୍ କରିଛି । ଯଦି ଆମେ ତୁଳନା କରିବା, ଏହାର ପ୍ରଥମ ପାର୍ଟ 'ଧୁରନ୍ଧର' ତୃତୀୟ ଦିନରେ ମାତ୍ର ୫୧.୬୦ କୋଟି ଟଙ୍କା ଆୟ କରିଥିଲା । ଧୁରନ୍ଧର ୨ରେ ରଣବୀର ସିଂଙ୍କ ବ୍ୟତୀତ ଅର୍ଜୁନ ରାମପାଲ, ସଞ୍ଜୟ ଦତ୍ତ ଏବଂ ଆର. ମାଧବନ ମଧ୍ୟ ଅଭିନୟ କରିଛନ୍ତି । ଫିଲ୍ମର ଲେଖକ ଏବଂ ନିର୍ଦ୍ଦେଶକ ଅଛନ୍ତି ଆଦିତ୍ୟ ଧର । ଜ୍ୟୋତି ଦେଶପାଣ୍ଡେ, ଲୋକେଶ ଧର ଏବଂ ଆଦିତ୍ୟ ଧର ମିଳିତ ଭାବରେ ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି । ବି୬୨ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ଏହି ଫିଲ୍ମକୁ ଜିଓ ଷ୍ଟୁଡିଓ ପ୍ରେଜେଣ୍ଟ୍ କରିଛି ।



## ବାହା ହେବେ କି ଶ୍ରଦ୍ଧା କପୁର ?

**ମୁମ୍ବାଇ(ଏଜେନ୍ସି) :** ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ଶ୍ରଦ୍ଧା କପୁର ତାଙ୍କ ବିବାହକୁ ନେଇ ଖବରରେ ରହିଛନ୍ତି । ଅନେକ ଦିନ ଧରି ଶ୍ରଦ୍ଧାଙ୍କ ନାଁ ସହିତ ରାଇଟର ରାହୁଲ ମୋଦିଙ୍କ ନାଁ ଯୋଡା ହୋଇଆସୁଅଛି । ଏହି ଖବର ସାମ୍ନାକୁ ଆସିବା ପରେ ଶ୍ରଦ୍ଧାଙ୍କ କନ୍ୟା ବେଶ ଏବଂ ତାଙ୍କ ପୋଷାକ ଦେଖିବାକୁ ଖୁବ୍ ଉତ୍ସାହିତ ଅଛନ୍ତି ପ୍ରଶଂସକ । ଏହାରି ମଧ୍ୟରେ ଶ୍ରଦ୍ଧାଙ୍କ ମାଉସୀ ତେଜସ୍ୱିନୀ ଅଭିନେତ୍ରୀଙ୍କ ବିବାହକୁ ନେଇ ପ୍ରତିକ୍ରିୟା ରଖିଛନ୍ତି । ଶ୍ରଦ୍ଧା କପୁରଙ୍କ ମାଉସୀ ଏକ ଇଣ୍ଟରଭ୍ୟୁରେ କହିଛନ୍ତି ଯେ, ''ସତରେ ? ମୁଁ ଏହି ବିଷୟରେ ଜାଣିନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଶ୍ରଦ୍ଧା ପରିବାରର ପରମ୍ପରାକୁ ଆଗକୁ ବଢାଉଛନ୍ତି । ତେଣୁ ଆମେ ଗର୍ବିତ । ଶ୍ରଦ୍ଧାଙ୍କ ପାଇଁ ପରିବାରର ନା ଗୌରବ ଅର୍ଜନ କରିଛି, ସେଥିପାଇଁ ଆମେ ବହୁତ ଖୁସି ।'' ସେମାନେ ପରସ୍ପର କାମ ସମ୍ପର୍କରେ ଆଲୋଚନା କରନ୍ତି ବୋଲି ମଧ୍ୟ ସେ କହିଥିଲେ । ଅନେକ ଫିଲ୍ମ ସେଟର ଫଟୋ ସେୟାର କରନ୍ତି । ଯେତେବେଳେ ସେମାନେ ଅନୁଭବ କରନ୍ତି ଯେ କିଛି ପ୍ରକୃତରେ ଉନ୍ନତ ହୋଇପାରିବ ସେତେବେଳେ ପରସ୍ପରକୁ ପରାମର୍ଶ ଦେଇଥାଆନ୍ତି । ଯଦି ଶ୍ରଦ୍ଧା ଏବଂ ରାହୁଲଙ୍କ କଥା କୁହାଯାଏ ତେବେ ସେମାନଙ୍କ ଡେଟିଂକୁ ନେଇ ସେମାନେ ୨୦୨୪ରୁ ଜୁଜବ ଚର୍ଚ୍ଚାରେ ରହିଛନ୍ତି । ଯେତେବେଳେ ସେମାନଙ୍କୁ ଏକ ଡିନର ଡେଟରେ ଦେଖିବାକୁ ମିଳିଥିଲା । ବିଭିନ୍ନ ପ୍ରୋଗ୍ରାମରେ ମଧ୍ୟ ସେମାନଙ୍କୁ ଏକାଠୁ ଦେଖିବାକୁ ମିଳିଛି । ଏବେ ସେମାନଙ୍କ ବିବାହକୁ ନେଇ ଖବର ଜୋର ଧରିଛି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା ଅଫିସିଆଲ ଭାବେ ସେମାନଙ୍କ ସମ୍ପର୍କ ବିଷୟରେ ସ୍ପଷ୍ଟ କରିନାହାଁନ୍ତି । ପ୍ରଶଂସକମାନେ ଏବେ ସେମାନଙ୍କ ବିବାହକୁ ନେଇ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ରାହୁଲ ଜଣେ ଲେଖକ ଏବଂ ଫିଲ୍ମ ନିର୍ମାତା ଭାବେ ଜଣାଶୁଣା । ସେହିପରି ଶ୍ରଦ୍ଧା ''ଇଥା'' ଫିଲ୍ମରେ ନଜର ଆସିବାକୁ ଯାଉଛନ୍ତି ।

# ଇଶାଙ୍କ ହାତ ଧରିଲେ ବାଦଶାହ



ମୁମ୍ବାଇ(ଏଜେନ୍ସି) : ଚର୍ଚ୍ଚିତ ସିଙ୍ଗର ବାଦଶାହ ''ତାତିରି'' ଗୀତର ବିବାଦ ପରେ ଏବେ ସେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଶିରୋନାମାରେ ରହିଛନ୍ତି । ତାଙ୍କର ବିବାହର ଫଟୋ ସୋସିଆଲ ମିଡିଆରେ ଏବେ ଭାଇରଲ ହେବାରେ ଲାଗିଛି । ଯେଉଁ ଫଟୋରେ ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ଇଶାଙ୍କୁ ଦେଖିବାକୁ ମିଳିଛି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା ଅଫିସିଆଲ ଭାବେ ଦମ୍ପତି ଘୋଷଣା କରିନାହାଁନ୍ତି । ବାଦଶାହ ତାଙ୍କ ପ୍ରେମିକା ଇଶାଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି । ଯାହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି । ଏଥିସହ ଇଶାଙ୍କ ମା' ଇନଷ୍ଟାଗ୍ରାମରେ ବିବାହର ଫଟୋ ସେୟାର କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା କୌଣସି ଅଫିସିଆଲ ଭାବେ ଉଭୟେ ପ୍ରକାଶ କରିନାହାଁନ୍ତି । ଏଥିସହ ଏହି ଭାଇରଲ ହେଉଥିବା ଫଟୋରେ ହାତୀଦାନ୍ତ ତିଆରି କୁର୍ତ୍ତା ସେଟରେ ବାଦଶାହ ନଜର ଆସିଥିଲେ । ଇଶାଙ୍କୁ ମଧ୍ୟ ଏହି ଭାଇରଲ ଫଟୋରେ ପାରମ୍ପାରିକ ଲାଲ୍ ପଞ୍ଜାବୀ ସାଲୱାର ସୁଟ୍ ପିନ୍ଧିଥିବାର ଦେଖିବାକୁ ମିଳିଛି । ଏହି ଫଟୋ ଭାଇରଲ ହେବା ପରେ ଅଭିନନ୍ଦନର ସୁଅ ସେମାନଙ୍କ ପାଖକୁ ଛୁଟୁଛି । ଯଦି ଇଶାଙ୍କ କଥା କୁହାଯାଏ ତେବେ ସେ ଜଣେ ପଞ୍ଜାବୀ ଅଭିନେତ୍ରୀ । ଯିଏ ୨୦୧୩ ମସିହାରେ 'ଜଟ୍ ବୟଜ୍ ପୁଟ୍ ଜଟ୍ଟ ଦେ' ଫିଲ୍ମରୁ ନିଜର କ୍ୟାରିଅର ଆରମ୍ଭ କରିଥିଲେ । 'ହାପି ଗୋ ଲକି' (୨୦୧୪) ଏବଂ 'ଆରଦାସ' (୨୦୧୬) ଭଳି ଫିଲ୍ମରେ ମଧ୍ୟ ଇଶା ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି । ୨୦୧୮ରେ ବରୁଣ ଧାଓ୍ୱନ, ରାଘବ ଜୁୟାଲ ଏବଂ ପୁନିତ ପାଠକଙ୍କ ସହିତ 'ନବାବଜାଦେ'ଫିଲ୍ମରେ ନଜର ଆସିଥିଲେ ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ । ରବିବାର: ଲାଭବାନ ହେବେ ।

**ମିଥୁନ :** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ । ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ । ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର: ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର: ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର: ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ । ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ । ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## ଏହାକୁ ଜଗନ୍ତୁ ନଚେତ ଭୋଗି ପାରନ୍ତି ସମସ୍ୟା

କର୍ମବ୍ୟସ୍ତବହୁଳ ଜୀବନ ମଧ୍ୟରେ ଭୁଲ୍ ଜୀବନଶୈଳୀ ଓ ଖାଦ୍ୟ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡିଥାଏ । ଅତ୍ୟଧିକ କାମ ଓ ମାନସିକ ଦୁଶ୍ଚିନ୍ତା ଆମ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଫଳରେ ବାରମ୍ବାର ବାରମ୍ବାର ରୋଗଗ୍ରସ୍ତ ହୋଇ ଥାଆନ୍ତି । ଏପରି ସମୟରେ ପୋଷକ ତତ୍ତ୍ୱରେ ଭରପୁର ଭୋଜନ କରିବା ଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟକୁ ଏହାର ଉପକାରୀ ଗୁଣ ମିଳିପାରେ ନାହିଁ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ ଅନେକ ସମୟରେ ଖାଦ୍ୟ ଖାଇବା ପରେ ଏପରି କିଛି ଭୁଲ କରିଥାଆନ୍ତି, ଯାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ସେଭଳି ବଦଅଭ୍ୟାସ ଅନେକ ରୋଗର କାରଣ । ପାଚନ ତନ୍ତ୍ରକୁ ପ୍ରଭାବିତ କରିଥାଏ । ଜାଣନ୍ତୁ..

ଅନେକ ଲୋକେ ରାତିରେ ଖାଦ୍ୟ ଖାଇବାର ତୁରନ୍ତ ପରେ ବିଛଣାରେ ଯାଇ ଶୋଇ ଯାଆନ୍ତି । ମାତ୍ର ଖାଦ୍ୟ ଖାଇବାର ୨ ଘଣ୍ଟା ପର୍ଯ୍ୟନ୍ତ ଆଦୌ ଶୁଅନ୍ତୁ ନାହିଁ । ଖାଦ୍ୟ ଖାଇବାର ତୁରନ୍ତ ପରେ ଶୋଇବା ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇନଥାଏ । ଏସିଡିଟି, ହୃଦୟ ଜନିତ ରୋଗ ସୃଷ୍ଟି ହେବାର ଅନେକ ସମ୍ଭାବନା ଥାଏ । ଅନେକ ଲୋକେ ଖାଦ୍ୟ ଖାଇବା ପରେ ଚା', କଫି ଓ ନିଶାଦ୍ରବ୍ୟର ମଧ୍ୟ ସେବନ କରିଥାଆନ୍ତି । ମାତ୍ର ଏଭଳି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଏହାଦ୍ୱାରା ଶରୀରରେ ନିକୋଟିନର ମାତ୍ରା ଅଧିକ ବଢିଯାଏ । ଖାଦ୍ୟର ପୋଷକ ତତ୍ତ୍ୱ ମଧ୍ୟ ଶରୀରକୁ ମିଳିପାରି ନଥାଏ । କୁହାଯାଏ ସ୍ନାନ ପରେ ଭୋଜନ କରିବା ଉଚିତ । ମାତ୍ର ଖାଦ୍ୟ ଖାଇବାର ତୁରନ୍ତ ପରେ ସ୍ନାନ କରିବା ଦ୍ୱାରା ଏହାର କୁପ୍ରଭାବ ପାଚନ ତନ୍ତ୍ର ଉପରେ ପଡିଥାଏ । ବଦହଜମି ସମସ୍ୟା ସହ ପେଟ ପାଇଁ କ୍ଷତିକାରକ ହୋଇଥାଏ । ଖାଦ୍ୟ ଖାଇବାର ତୁରନ୍ତ ପରେ ଚା' ପିଇବା ଦ୍ୱାରା ଏଥିରେ ଥିବା ନିକୋଟିନ୍ ଆପଣଙ୍କ ଶରୀରରେ ପ୍ରୋଟିନକୁ ଅବଶୋଷିତ କରିଥାଏ । ଲୋହ ରକ୍ତକଣିକା ମଧ୍ୟ ହ୍ରାସ ପାଇଥାଏ । ଖାଦ୍ୟ ଖାଇବାର ତୁରନ୍ତ ପରେ କିମ୍ବା ଖାଦ୍ୟ ଖାଇବା ମଝିରେ ପାଣି ପିଇବା ଦ୍ୱାରା ଖାଦ୍ୟ ହଜମରେ ସମସ୍ୟା ହୋଇଥାଏ । ପେଟ ଜନିତ ସମସ୍ୟା ହୋଇଥାଏ । ଏସିଡିଟି,ଗ୍ୟାଷ୍ଟ୍ରିକ ହୋଇଥାଏ । ଖାଦ୍ୟ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ । ଖାଦ୍ୟ ଖାଇବା ପରେ ତୁରନ୍ତ ବ୍ୟାୟାମ କରିବା ଦ୍ୱାରା ପାଚନ ତନ୍ତ୍ର ଉପରେ ବିପରୀତ ପ୍ରଭାବ ପକାଇଥାଏ । ଫଳରେ ବାନ୍ତି ହେବା ସହ ପେଟରେ ଯନ୍ତ୍ରଣା ହୋଇଥାଏ ।

### ମା'ରାଣ ଦେହକୁ ନେବେନି...

ଛିଣ୍ଡାପଲିଥିନି ତଳେ ଚଳୁଛି ମୁଁ
ରହିବାକୁ ନାହିଁ ବାସ...
ଗିଆସର ଦର ବଢିବା ଦିନଠୁ
କମୁନି ଜମାରୁ ଖାସ...
ଖୁଆଖୁଇ ହୋଇ କ୍ୟାସ...
ନେତା ଅଫିସର ଧନୀଙ୍କ ଭିତରେ
ଗ୍ୟାସ କରୁଅଛି ରାସ...



- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

## ଫୁଲକୋବି କୁରୁମା



**ଆବଶ୍ୟକ ସାମଗ୍ରୀ :** ଫୁଲ କୋବି, ବିନ୍ସ, ଗ୍ରୀନ୍ ମଟର, ଗାଜର, ଆଳୁ, ତେଲ, ପନିର, ଜିରା, ଗୋଟା ଧନିଆ, ଗୋଟା ଗରମ ମସଲା, କଟା ପିଆଜ, ଗୋଟା ରସୁଣ, ଅଦା, ଟମାଟୋ, କାଜୁ, ମଗଜ, ପୋସ୍ତ, କସ୍ତୁରୀ ମେଥି ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ :** ଫୁଲ କୋବି, ବିନ୍ସ, ଗାଜର ଓ ଆଳୁକୁ କାଟି ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ । ଏବେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ଫୁଲ କୋବି, ବିନ୍ସ, ଗାଜର ଓ ଆଳୁକୁ ପକାଇ ଅଳ୍ପ ଭାଜି ଦିଅନ୍ତୁ । ସେଥିରେ ଗ୍ରୀନ୍ ମଟର ମଧ୍ୟ ପକାନ୍ତୁ । ଏ ସବୁ ଭାଜି ହେଲା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ କଟା ପନିରକୁ ମଧ୍ୟ ଭାଜି ଏକ ପାତ୍ରକୁ କାଢ଼ି ଦିଅନ୍ତୁ । କରେଇରେ ପୁଣି ତେଲ ଗରମ କରନ୍ତୁ । ସେଥିରେ ଜିରା, ଗୋଟା ଧନିଆ ଓ ଗୋଟା ଗରମ ମସଲା ପକାଇ ଦିଅନ୍ତୁ । ତା'ପରେ କଟା ପିଆଜ, ଗୋଟା ରସୁଣ ଓ ଅଦାକୁ ପକାଇ ଭାଜି ଦିଅନ୍ତୁ । କିଛି ସମୟ ପରେ ସେଥିରେ କଟା ଟମାଟୋ ପକାନ୍ତୁ । ଭଲ ଭାବେ ଭାଜି ପରେ ଏହି ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏବେ ଏହି ମସଲାରେ କାଜୁ, ମଗଜ ଓ ପୋସ୍ତ ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତା'ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ହଳଦି ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ଏହା ପରେ ସେଥିରେ ଗ୍ରାଇଣ୍ଡିଂ କରିଥିବା ମସଲାକୁ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ । କଷିଲା ବେଳେ ଅଳ୍ପ କସ୍ତୁରୀ ମେଥି ପକାଇ ଦିଅନ୍ତୁ । ପରେ ଭାଜି ରଖିଥିବା ପରିବାକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ । ଆବଶ୍ୟକ ଅନୁସାରେ ପାଣି ଦେଇ ଦିଅନ୍ତୁ । ତା'ସହିତ ସ୍ୱାଦ ଅନୁସାରେ ଲୁଣ ପକାଇ କରେଇକୁ ଢାଙ୍କି ଦିଅନ୍ତୁ । ପରିବା ସିଝି ଗଲା ପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଭେଜ୍ କୋରମା ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ଶାନ୍ତି ପାଇଁ ବିକଳ ଟ୍ରମ୍ପଙ୍କୁ କଡ଼ା ଚେତାବନୀ

## ୧୫ ସୂତ୍ରୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା ଇରାନ



**ମୁମ୍ବାଇ(ଏଜେନ୍ସି):** ଫେବୃଆରୀ ୨୮ରୁ ଇରାନ ସହ ଯୁଦ୍ଧ କରି ହରଡ଼ଘଣାରେ ପଡ଼ିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଏବେ ଶାନ୍ତି ପ୍ରତିଷ୍ଠା ପାଇଁ ବିକଳ ହେଉଛନ୍ତି। ସେ ଇରାନ ସହ ଯୁଦ୍ଧକୁ ସ୍ଥଗିତ ରଖି ପାକିସ୍ତାନ ଜରିଆରେ ୧୫ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ପାକିସ୍ତାନ ମଧ୍ୟ ଟ୍ରମ୍ପଙ୍କ କଥାରେ ଇରାନକୁ ଆମେରିକାର ଚିଠି ଦେଇଛି। ଯୁଦ୍ଧରେ ଆମେରିକା ବ୍ୟାପକ କ୍ଷତି ସହିଥିବାରୁ ପୂରା ବିଶ୍ୱର ଚାପ ଟ୍ରମ୍ପଙ୍କ ଉପରେ ପଡ଼ିଛି। ଏହି ଚାପରେ ଚେପା ଟ୍ରମ୍ପ ଶାନ୍ତି ପାଇଁ ବିକଳ୍ପ ହେଉଥିବା ବେଳେ ଇରାନ ଆଜି ତାଙ୍କୁ ପୁଣି କଡ଼ା ଚେତାବନୀ ଦେଇଛି। ଏଥିସହ ଆମେରିକା ଦେଇଥିବା ୧୫ ସୂତ୍ରୀ ପ୍ରସ୍ତାବକୁ ଇରାନ କେବେ ହେଲେ ବି ଗ୍ରହଣ କରିବ ନାହିଁ ବୋଲି କହିଛି। ସେହିପରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା ଅତିରିକ୍ତ ୧ ହଜାର ସୈନ୍ୟ ମୁତୟନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହା ଉପରେ ନଜର ରଖାଯାଇଥିବା ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ ବୁଧବାର କହିଛନ୍ତି। ଆମେରିକା ସୈନ୍ୟ ବାହିନୀକୁ କଡ଼ା ଚେତାବାନୀ ଦେଇ ସେ କହିଛନ୍ତି ଯେ ଏହି ଅଞ୍ଚଳକୁ ସେନା ପଠାଇଲେ ଆମେରିକା ଓ ଇସ୍ରାଏଲ ନେତୃତ୍ୱ କରିଥିବା ଭୁଲର ସମାଧାନ ହୋଇପାରିବ ନାହିଁ। ସୈନ୍ୟମାନେ ବିଚରା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ୟାନହୁଙ୍କ ଭ୍ରମର ଶିକାର ବନି ପାରନ୍ତି ବୋଲି ଘାଲିବାଫ କହିଛନ୍ତି। ଏକ୍ସରେ ସେ ଲେଖିଛନ୍ତି, "ଆମେ ଏହି ଅଞ୍ଚଳରେ ଆମେରିକା ଗତିବିଧି ଉପରେ ନଜର ରଖିଛୁ। ବିଶେଷ କରି ସୈନ୍ୟ ମୁତୟନ ଉପରେ ଆମର ନଜର ରହିଛି। ଯାହା ଜେନେରାଲମାନେ ଭାଙ୍ଗିଛନ୍ତି, ତା'କୁ ସୈନ୍ୟମାନେ କେବେ ହେଲେ ଠିକ କରିପାରିବେ ନାହିଁ। ସେମାନେ ବରଂ ନେତ୍ୟାନହୁଙ୍କ ଭ୍ରମର ଶିକାର ହୋଇପାରନ୍ତି। ଆମ ମାଟିର ସୁରକ୍ଷା ପାଇଁ କେବେ ହେଲେ ବି ଆମ ଧୈର୍ଯ୍ୟର ପରୀକ୍ଷା କରନ୍ତୁ ନାହିଁ।" ଆମେରିକା ପକ୍ଷରୁ ଶାନ୍ତି ପାଇଁ କୂଟନୀତିକ ସ୍ତରରେ ପ୍ରୟାସ ଚାଲିଥିବା ଦାବିକୁ ଏଯାଏ ଇରାନ ଗ୍ରହଣ କରନାହିଁ। ଏସବୁ ଭିତରେ ବାଚସ୍ପତିଙ୍କ ଧମକପୂର୍ଣ୍ଣ ବୟାନ ସାମ୍ନାକୁ ଆସିଛି। ଇବ୍ରାହିମ କହିଛନ୍ତି, "କ'ଣ ଆପଣଙ୍କ ଆଭ୍ୟନ୍ତରୀଣ ବିବାଦ ଏମିତି ଏକ ସ୍ତରରେ ପହଞ୍ଚି ଯାଇଛି ଯେଉଁଠି ଆପଣ ନିଜ ସହ ଆପୋଷ ବୁଝାମଣା କରୁଛନ୍ତି ? ଆମର ପ୍ରଥମ ଓ ଶେଷ ଶବ୍ଦ ପ୍ରଥମ ଦିନରେ ଯାହା ଥିଲା, ଏବେ ବି ଠିକ ସେଇଆ ରହିଛି। ଏହା ସବୁ ଦିନ ପାଇଁ ସମାନ ରହିବ। ଆମ ଭଳି କେହି ବି ଆପଣଙ୍କ ଭଳି ଲୋକଙ୍କ ସହ ବୁଝାମଣା କରିବେ ନାହିଁ। ଏବେ ନୁହେଁ କି କେବେ ନୁହେଁ।" ଅନ୍ୟପକ୍ଷରେ ଆମେରିକା ପକ୍ଷରୁ ୮୨ତମ ଏୟାରବର୍ଣ୍ଣ ଡିଭିଜନ ଟ୍ରୁପ୍ସକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଇରାନ ସହ ୫ ଦିନିକିଆ ଯୁଦ୍ଧ ବିରତି ଲାଗୁ ସମ୍ପର୍କରେ ଘୋଷଣା କରିବା ପରେ ଟ୍ରମ୍ପ ଏପରି ପଦକ୍ଷେପ ନେଇଛନ୍ତି।

# ଯୁଦ୍ଧ ବନ୍ଦ ପାଇଁ ଇରାନର ୫ କଡା ସର୍ତ୍ତ



ଶାନ୍ତି ଫେରାଇ ଆଣିବା ପାଇଁ ଭାରତର ସାହାଯ୍ୟ ନିଆଯାଇପାରିବ:ଇରାନ ରାଷ୍ଟ୍ରଦୂତ

**ତେହରାନ(ଏଜେନ୍ସି):** ଯୁଦ୍ଧ ବନ୍ଦ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ପାଇଁ ୧୫ ସୂତ୍ରୀ ସର୍ତ୍ତ ଧାର୍ଯ୍ୟ କରିଥିବାବେଳେ ଇରାନ ଆମେରିକା ନିକଟରେ ୫ଟି ସର୍ତ୍ତ ଧାର୍ଯ୍ୟ କରିଛି। ଇରାନ ଧାର୍ଯ୍ୟ କରିଥିବା ସର୍ତ୍ତଗୁଡିକ ହେଲା ଉପସାଗରୀୟ ରାଷ୍ଟ୍ରଗୁଡିକରେ ଥିବା ସାମରିକ ଘାଟିଗୁଡିକୁ ଆମେରିକା ବନ୍ଦ କରୁ। ଏହା ସହିତ ହର୍ମୁଜ୍ ପ୍ରଣାଳୀ ଦେଇ ଆନ୍ତର୍ଜାତିକ ଜାହାଜ ଚଳାଚଳ ପାଇଁ ସ୍ୱତନ୍ତ୍ର ଦେୟ ଧାର୍ଯ୍ୟ କରାଯାଉ। ଏପରିକି ହର୍ମୁଜ୍ ପ୍ରଣାଳୀ ଉପରେ ଇରାନ ନିଜର ସାର୍ବଭୌମତ୍ୱ ଦାବି କରିଛି। ଇରାନ କହିଛି ଯେ ହର୍ମୁଜ୍ ପ୍ରଣାଳୀ ଉପରେ ସାର୍ବଭୌମତ୍ୱ ଦାବି କରିବା ଏହାର ନୈତିକ ଓ ସ୍ୱାଭାବିକ ଅଧିକାର। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଓ ହେଜବୋଲ୍ଲା ବିରୋଧରେ ଇସ୍ରାଏଲର ଆକ୍ରମଣ ବନ୍ଦ କରିବାକୁ ଇରାନ ସର୍ତ୍ତ ରଖିଛି। ଇରାନ କହିଛି ଯେ ହର୍ମୁଜ ପ୍ରଣାଳୀ ଦେଇ ଚଳାଚଳ କରୁଥିବା ଜାହାଜଗୁଡିକରୁ ଏହା ଏକ ନିର୍ଦ୍ଦିଷ୍ଟ ଦେୟ ଆଦାୟ କରିବା ଓ ଏଥିପାଇଁ ଏକ ଫ୍ରେମୱାର୍କ ପ୍ରସ୍ତୁତ କରାଯିବ। ତେହେରାନ ସ୍ପଷ୍ଟ କରିଛି ଯେ ଯଦି ଆମେରିକା ଏହି ସର୍ତ୍ତଗୁଡ଼ିକୁ ପୂରଣ ନକରେ, ତେବେ କୌଣସି ଶାନ୍ତି ଚୁକ୍ତି ସମ୍ଭବ ନୁହେଁ। ଇରାନ ଉପରେ ଲଗାଯାଇଥିବା ସମସ୍ତ ପ୍ରକାରର ଆର୍ଥିକ ପ୍ରତିବନ୍ଧକକୁ ସମ୍ପୂର୍ଣ୍ଣ ଭାବେ ହଟାଇବାକୁ ମଧ୍ୟ ତେହରାନ ସର୍ତ୍ତ ରଖିଛ।ଭବିଷ୍ୟତରେ ଆମେରିକା କିମ୍ବା ଇସ୍ରାଏଲ୍ କେବେ ବି ଇରାନ ଉପରେ ଆକ୍ରମଣ କରିବେ ନାହିଁ ବୋଲି ଆନ୍ତର୍ଜାତୀୟ ସ୍ତରରେ ଲିଖିତ ପ୍ରତିଶ୍ରୁତି ବା ଗ୍ୟାରେଣ୍ଟି ଦେବାକୁ ପଡ଼ିବ।

# ପ୍ରେମିକା ପାଇଁ ପତ୍ନୀଙ୍କୁ ଫିଲ୍ମ ଷ୍ଟାଇଲରେ ମାରିଥିଲେ, ଦେଢ଼ ବର୍ଷ ପରେ ଧରାପଡ଼ିଲେ



**ମୁମ୍ବାଇ(ଏଜେନ୍ସି):** ପ୍ରେମରେ ପଡ଼ିଥିଲେ। କିନ୍ତୁ ପତ୍ନୀଙ୍କ ସହ ନୁହେଁ, ବରଂ ଆଉ ଜଣେ ମହିଳାଙ୍କର। ପ୍ରେମିକା ସହ ସେ ରହିବାକୁ ଚାହୁଁଥିଲେ। କିନ୍ତୁ ପତ୍ନୀ ଏହି ମିଳିନରେ ବାଧକ ସାଜିଥିଲେ। ଏହି ବାଧାକୁ ହଟାଇବା ପାଇଁ ସେ ପତ୍ନୀଙ୍କୁ ସବୁ ଦିନ ପାଇଁ ଶେଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୬.୭ ଲକ୍ଷ ଟଙ୍କା ଦେଇ ସେ ପତ୍ନୀଙ୍କୁ ମାରିଦେଲେ ଓ ଏହାକୁ ଆତ୍ମହତ୍ୟାର ରୂପ ଦେଇ ସମସ୍ତଙ୍କୁ ବିଭ୍ରାନ୍ତ କରିଥିଲେ। ଦେଢ଼ ବର୍ଷ ଧରି ସେ ନିଜ ଯୋଜନାରେ ସଫଳ ବି ହୋଇଥିଲେ। କିନ୍ତୁ ଶେଷରେ ପୁଲିସ୍ ପୂରା ଘଟଣା ପଛରେ ଥିବା ଷଡ଼ଯନ୍ତ୍ରକୁ ପର୍ଦ୍ଦାଫାସ କରିଛି। ଏହି କାହାଣୀ ମୁମ୍ବାଇର ସାକାରାମ ନାମକ ଜଣେ ବ୍ୟକ୍ତିଙ୍କର। ସେ ହିଁ ଦେଢ଼ ବର୍ଷ ତଳେ ତାଙ୍କ ପତ୍ନୀଙ୍କୁ ହତ୍ୟା କରିଥିଲେ। ପୂରା ଘଟଣା ୨୦୨୪ ଅକ୍ଟୋବର ୧୪ରେ ଘଟିଥିଲା। ରୋଷେଇ ଘରେ ଜଣେ ମହିଳା ଫ୍ୟାନରେ ଦଉଡ଼ି ଦେଇଥିବା ଖବର ପୁଲିସ୍ ପାଖରେ ପହଞ୍ଚିଥିଲା। ମହିଳା ଜଣଙ୍କ ଥିଲେ ୩୪ ବର୍ଷୀୟ ନାରଙ୍ଗି ଓରଫ ଗୀତା ଚୌଧୁରୀ। ଘଟଣା ସ୍ଥଳରୁ ମିଳିଥିବା ପ୍ରମାଣ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ପୁଲିସ ଏହାକୁ ଆତ୍ମହତ୍ୟା ମାମଲା ଭାବେ ବିବେଚନା କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନଥିଲା। ଶେଷରେ ମୃତଦେହକୁ ଗୀତା ଚୌଧୁରୀଙ୍କ ରାଜସ୍ଥାନକୁ ଶେଷକୃତ୍ୟ ପାଇଁ ପଠାଇ ଦିଆଯାଇଥିଲା। ପରିବାର ଲୋକ ମଧ୍ୟ ଶେଷକୃତ୍ୟ କରିଥିଲେ। ମାଟି ତଳେ ଗୀତା ଚୌଧୁରୀ କବର ନେଇଥିଲେ। ହେଲେ ଝିଅର ଆତ୍ମହତ୍ୟାକୁ ସହଜରେ ଗ୍ରହଣ କରିପାରି ନଥିଲେ ବାପା ବାନାରାମ ଚୌଧୁରୀ। ସେ ଝିଅର ଅବର୍ତ୍ତମାନକୁ ବିଶ୍ୱାସ କରିପାରୁ ନଥିଲେ। ଝିଅ ଗୀତା କେବେ ହେଲେ ଆତ୍ମହତ୍ୟା କରି ନଥିବ ଭାବି ସେ ପ୍ରଥମେ ହତ୍ୟା ଅଭିଯୋଗ ଆଣିଥିଲେ। ରାଜସ୍ଥାନ ପୁଲିସ୍ ନିକଟରେ ବାନାରାମ ଚୌଧୁରୀ ଅଭିଯୋଗ ଦାଖଲ କରି ତଦନ୍ତ ଆରମ୍ଭ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ। ଶେଷରେ ଗୀତାଙ୍କ ମୃତଦେହକୁ ମାଟି ତଳୁ ବାହାର କରାଯାଇଥିଲା ଓ ଏହାକୁ ପୁଣି ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା। ଦ୍ୱିତୀୟ ଥର ଶବ ବ୍ୟବଚ୍ଛେଦ ସମୟରେ ଗୀତା ଚୌଧୁରୀଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ପୁଲିସ ଏହି ରିପୋର୍ଟ ପରେ ତଦନ୍ତକୁ ବ୍ୟାପକ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ସାକାରାମ କେବଳ ଥରେ ନୁହେଁ, ବରଂ ପୂର୍ବରୁ ୨ ଥର ଗୀତାଙ୍କୁ ହତ୍ୟା ପାଇଁ ଉଦ୍ୟମ କରିଥିଲେ। ପ୍ରଥମେ ସେ ପୋୱାଇ ଅଞ୍ଚଳରେ ଗୀତାଙ୍କୁ ସଡ଼କ ଦୁର୍ଘଟଣାରେ ଓ ପରେ ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଭୟଙ୍କର ଢଙ୍ଗରେ ମାଡ଼ ମାରିଥିଲେ। ୨ ଥର ହତ୍ୟା ଉଦ୍ୟମ କରି ବିଫଳ ହେବା ପରେ ସାକାରାମ ନିଜର ବନ୍ଧୁ ଶଙ୍କର ଡାଙ୍ଗିଙ୍କୁ ହତ୍ୟା ଉଦ୍ୟମରେ ସାମିଲ କରିଥିଲେ। ଏଥିପାଇଁ ତାଙ୍କୁ ୬.୭ ଲକ୍ଷ ଟଙ୍କା ମଧ୍ୟ ଦେଇଥିଲେ। ଟଙ୍କା ପାଇବା ପରେ ଶଙ୍କର ଆଉ ଦୁଇ ଜଣ ବାବୁ ଓରଫ ରାଘବ ଓ ଦୀନେଶଙ୍କୁ ହତ୍ୟା ସହଯୋଗ କରିବାକୁ ଡାକିଥିଲେ। ଦ୍ୱିତୀୟ ରାଉଣ୍ଡ ତଦନ୍ତ ବେଳେ ପୁଲିସ୍ ପ୍ରଥମେ ସାକାରାମଙ୍କୁ ଜେରା କରିଥିଲା। ସେ ୩ ଥର ପୁଲିସ୍‌କୁ ବିଭ୍ରାନ୍ତ କରିଥିଲେ। କିନ୍ତୁ ପୁଲିସ୍ ?ର ୪ର୍ଥ ଉଦ୍ୟମ ଜେରା ବେଳେ ସେ ସବୁ କିଛି ମାନି ଯାଇଥିଲେ। ପୁଲିସ୍‌କୁ ସେ କହିଛନ୍ତି ଯେ ଡିମ୍ପଲ ଚୌଧୁରୀ ନାମକ ଜଣେ ମହିଳାଙ୍କୁ ସେ ପ୍ରେମ କରୁଥିଲେ। ତାଙ୍କ ସହ ସେ ରହିବାକୁ ଚାହୁଁଥିଲେ। ଏହି ସ୍ୱପ୍ନକୁ ପୂରା କରିବା ପାଇଁ ସେ ଗୀତାଙ୍କୁ ହତ୍ୟା କରିଥିଲେ। ପୁଲିସ୍ ଏହି ତଥ୍ୟ ପାଇବା ପରେ ସାକାରାମ, ଶଙ୍କର, ବାବୁ ଓ ଦୀନେଶଙ୍କୁ ଗିରଫ କରିଛି। ସେହପରି ହତ୍ୟାକାଣ୍ଡରେ ଡିମ୍ପଲଙ୍କ ଭୂମିକା ରହିଥିଲା କି ନାଁ, ତା'ର ମଧ୍ୟ ତଦନ୍ତ କରୁଛି।

# ଆଇନ ଅଦାଲତ

## ଏପ୍ରିଲ ୬ରୁ ରାଜ୍ୟର ସମସ୍ତ କୋର୍ଟ ସକାଳୁଆ

**କଟକ(ଏନ୍.ଏମ୍.):** ରାଜ୍ୟର ଜିଲ୍ଲା ଦୌରାଜଜ୍ ଓ ଅନ୍ୟାନ୍ୟ ନିମ୍ନ ଅଦାଲତ ସକାଳୁଆ ହେବ। ଏପ୍ରିଲ ୬ ରୁ ସକାଳୁଆ କୋର୍ଟ ନେଇ ନିର୍ଦ୍ଦେଶ । ଓଡିଶା ହାଇକୋର୍ଟଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଦୌରାଜଜଙ୍କୁ ଏନେଇ ନୋଟିସ । ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ଚାଲିବ । ମଝିରେ ଅଧ ଘଣ୍ଟାର ବିରତି ମଧ୍ୟ ରହିବ । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଓ ପୁରୀ ସଦର ବ୍ୟତୀତ ଅନ୍ୟ ସମସ୍ତ କୋର୍ଟରେ ଲାଗୁହେବ ଏହି ନିୟମ । ସମସ୍ତ ଜିଲ୍ଲା ଏବଂ ସେସନ୍ସ ଜଜଙ୍କୁ ଲେଖିଥିବା ଚିଠିରେ, ରେଜିଷ୍ଟ୍ରାର କହିଛନ୍ତି ଯେ ରାଜ୍ୟର ସମସ୍ତ ସ୍ଥାନରେ ଥିବା ଜିଲ୍ଲା ଏବଂ ଅଧସ୍ତନ କୋର୍ଟଗୁଡ଼ିକର ସକାଳ ବୈଠକ ଏପ୍ରିଲ ୬ (ସୋମବାର) ଠାରୁ ସକାଳ ୭ ଟାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଆରମ୍ଭ ହେବ ଏବଂ ୧୦ ରୁ ୧୦.୩୦ ଯାଏ ଅଧ ଘଣ୍ଟା ବିରତି ରହିବ। ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ (ସଦର) ଏବଂ ପୁରୀ (ସଦର) ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକରେ ଗ୍ରୀଷ୍ମ ଅବକାଶର ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ କୋର୍ଟ ବୈଠକ ସକାଳ ୭.୩୦ ରୁ ୧୨.୩୦ ପର୍ଯ୍ୟନ୍ତ ହେବ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ମାମଲା: ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ସମ୍ପର୍କିତ ମାମଲାର ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍, ରମଣଙ୍କ ଖଣ୍ଡପୀଠରେ ଶୁଣାଣି ହୋଇଯାଇଛି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଅଦାଲତରେ ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦର୍ଶାଇଥିଲେ ଯେ ଉକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ବିଷୟ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି। କୁଳପତି ନିଯୁକ୍ତି ହେଲା ପରେ ତୁରନ୍ତ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। ଏତେ ସମୟ ଧରି ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଇନ ଥିବାରୁ ଗଭୀର ଚିନ୍ତାପ୍ରକଟ କରିବା ସହିତ ଖଣ୍ଡପୀଠ ଏହି ମାମଲାରେ ଦୁଇସପ୍ତାହ ମଧ୍ୟରେ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେବା ସହ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଏପ୍ରିଲ୍ ୨୨ ତାରିଖକୁ ସମୟ ଧାର୍ଯ୍ୟ କରିଛନ୍ତି।

## ମାନବାଧିକାର ଆୟୁକ୍ତରେ ପଦବୀ ପୁରଣ ମାମଲା ଆସନ୍ତା ୨୨ରେ ପରବର୍ତ୍ତୀ ଶୁଣାଣି

**କଟକ(ଏନ୍.ଏମ୍.):** ରାଜ୍ୟ ମାନବାଧିକାର ଆୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ପୁରଣ ସମ୍ପର୍କିତ ମାମଲାର ହାଇକୋର୍ଟରେ ଶୁଣାଣି ହୋଇଯାଇଛି। ଆବେଦନକାରୀ ପ୍ରବୀର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଆସନ୍ତା ୨୨ ତାରିଖ ସୁଦ୍ଧା ସବିଶେଷ ତଥ୍ୟ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ମାମଲଶର ଶୁଣାଣି ବେଳେ ଓଡ଼ିଶା ମାନବାଧିକାର କମିଶନରେ ଅଧ୍ୟକ୍ଷ ଓ ସଦସ୍ୟ ଚୟନ ପାଇଁ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟିର ବୈଠକ ଗତ ୨୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ତେବେ ଏ ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତି ନିଆଯିବ ବୋଲି ଅତିରିକ୍ତ ସରକାରୀ ଓକିଲ ଶାଶ୍ୱତ ଦାସ ଅଦାଲତଙ୍କୁ ଅବଗତ କରାଇଥିଲେ। ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ବିଚାରକୁ ନେଇ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଏପ୍ରିଲ୍ ୨୨ ତାରିଖ ଧାର୍ଯ୍ୟ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ମାମଲା: ଦୋଷୀଙ୍କୁ ମୃତ୍ୟୁଦଣ୍ଡ, ପୀଡ଼ିତାଙ୍କୁ ୫ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

**ବ୍ରହ୍ମପୁର(ଏନ୍.ଏମ୍.):** ୨୦୨୧ ମସିହାରେ ଗଞ୍ଜାମଜିଲ୍ଲା ପୋଲସରା ଥାନା ଅଞ୍ଚଳର ଜଣେ ୧୦ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ବିଚାର କରି ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଆଜି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ୧୩ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ବିଚାରପତି ରୋହିତଲାଲ ପଣ୍ଡା ଅଭିଯୁକ୍ତ କେଶବ ନାହାକ ଓରଫ କେଶାକୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟଙ୍କ ଅନୁମତି ଲୋଡ଼ାଯାଇଥିବା ସୂଚନା ମିଳିଛି। ଗଞ୍ଜାମ ଜିଲ୍ଲା ପୋକ୍ସୋ କୋର୍ଟ ପକ୍ଷରୁ କୌଣସି ମାମଲାରେ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇବା ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି। ମାମଲାର ବିବରଣୀ ଅନୁସାରେ, ନାବାଳିକା ଜଣକ ତାଙ୍କ ମା'ଙ୍କ ସହିତ ଅଜାଘରକୁ ଯାଇଥିଲେ। ୨୦୨୧ ନଭେମ୍ବର ୨୧ରେ ସେ ନିଖୋଜ ହୋଇଯାଇଥିଲେ। ପରେ ତାଙ୍କୁ ଗାଁ ନିକଟ ଜଙ୍ଗଲରୁ ଉଦ୍ଧାର କରି ପ୍ରଥମେ ପୋଲସରା ଏବଂ ପରେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲସରା ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲେ। ତେବେ ଚିକିତ୍ସା ପରେ ପୀଡ଼ିତା ସୁସ୍ଥ ହୋଇଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ନାବାଳିକାଙ୍କ ସମ୍ପର୍କୀୟ ମନଶିଳା ଗ୍ରାମର କେଶବ ତାଙ୍କୁ ଚକୋଲେଟ୍ ଦେବା ବାହାନାରେ ଡାକି ନେଇଥିଲା। ଘଟଣାର ଦୁଇଦିନ ପରେ ତାକୁ ଗିରଫ କରାଯିବା ପରେ ସବୁ ସତ ଜଣାପଡ଼ିଥିଲା। କେଶବ ନାବାଳିକାଙ୍କୁ ଡାକିନେଇ ଦୁଷ୍କର୍ମ ସହିତ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ନିଜେ ସେ ସ୍ୱୀକାର କରିଥିଲା। ତତ୍କାଳୀନ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କେଶବକୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

## ହାଇକୋର୍ଟ ବାର ଆସୋସିଏସନର ୫ ଜଣ ସଦସ୍ୟଙ୍କୁ ଦର୍ଶାଅ ନୋଟିସ୍

**କଟକ(ଏନ୍.ଏମ୍.):** ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସଦସ୍ୟ ତଥା ଆଇନଜୀବୀ ଆଖ୍ୟାଂଶୁ ଶେଖର ନନ୍ଦୀ, ଅମୀୟ କୁମାର ମହାନ୍ତି, ରମେଶ ଚନ୍ଦ୍ର ବେହେରା, ହୃଦାନନ୍ଦ ମଲ୍ଲ ଏବଂ ଅମୁଲ୍ୟରତ୍ନ ଦାଶଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ହାଇକୋର୍ଟ ବାର ଆସୋସିଏସନର ନିର୍ବାଚନ ଅଧିକାରୀଙ୍କୁ ସେମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଏବଂ ପ୍ରେରିତ ଏକ ପତ୍ର ଆଇନଜୀବୀ ପରିଷଦର ଦୃଷ୍ଟିକୁ ଆସିଛି। ଉକ୍ତ ପତ୍ରରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଉପରଲିଖିତ ଆଇନଜୀବୀମାନେ ସେମାନଙ୍କର ଜ୍ଞାତସାରରେ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ଗଠିତ କେନ୍ଦ୍ରୀୟ ନିର୍ବାଚନ କମିଟି ଦ୍ୱାରା ଦିଆଯାଇଥିବା ନିର୍ବାଚନ ସଂକ୍ରାନ୍ତୀୟ ନିର୍ଦ୍ଦେଶକୁ ଆଇନ୍ ବିରୁଦ୍ଧ, ପକ୍ଷପାତ ଭିତ୍ତିକ, ନିହିତ ସ୍ୱାର୍ଥ ସମ୍ବଳିତ ଏବଂ ହାଇକୋର୍ଟର ନ୍ୟାୟିକ ପୁନର୍ବିଚାର କ୍ଷମତା ପରିସରର ଅତିକ୍ରମଣ ବୋଲି ଦର୍ଶାଇଛନ୍ତି। ଅଧିକନ୍ତୁ ରାଜ୍ୟ ଆଇନଜୀବୀ ପରିଷଦର ଜଣେ ସଦସ୍ୟଙ୍କ ନାମ ଉଲ୍ଲେଖ କରି ଅଭିଯୋଗ କରିଛନ୍ତି ଯେ ଉକ୍ତ ସଦସ୍ୟ ତାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ପୂର୍ବକ ତାଙ୍କ ପଦବିର ସୁଯୋଗ ନେଇ ବି.ସି.ଆଇ ନିର୍ବାଚନ ରୁଲ ଧାରା ୫୨ର ଭୁଲ ତର୍ଜମା କରି ବ୍ୟକ୍ତିଗତ ଆକ୍ରୋଶ ଏବଂ ଅସୂୟା ର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିଛନ୍ତି। ହାଇକୋର୍ଟ ବାର ଆସୋସିଏସନର ସଂପୃକ୍ତ ନିର୍ବାଚନ ଅଧିକାରୀ କେନ୍ଦ୍ରୀୟ କମିଟିର ଉକ୍ତ ବେଆଇନ ନିର୍ଦ୍ଦେଶର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା ସହିତ ବିବାଦୀୟ ନିଷ୍ପତ୍ତି ନେଉଛନ୍ତି। ଉକ୍ତ ଆଇନଜୀବୀମାନଙ୍କର ଏତାଦୃଶ କାର୍ଯ୍ୟ ରାଜ୍ୟ ଆଇନଜୀବୀ ପରିଷଦର ସ୍ୱତନ୍ତ୍ରତା, ଆନୁଷ୍ଠାନିକ ମର୍ଯ୍ୟାଦାର ସମାଲୋଚନା ତଥା ଅବମାନନା କରିବା ସହିତ ଆଇନଜୀବୀ ପରିଷଦର କାର୍ଯ୍ୟ ଧାରା ପ୍ରତି ଅନଧିକୃତ ଆକ୍ଷେପ ଏବଂ ଅସମ୍ମାନ। ପ୍ରଣିଧାନ ଯୋଗ୍ୟ ଯେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ବାର ଆସୋସିଏସନ୍ ଇଲେକ୍ସନ ରୁଲ ୨୧ ଧାରା ୫୧ ଅନୁଯାଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସାଧାରଣ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଅନୁଯାଇ ୫ ଜଣ ସଦସ୍ୟଙ୍କୁ ନେଇ କେନ୍ଦ୍ରୀୟ ନିର୍ବାଚନ କମିଟି ଗଠନ କରାଯାଇଅଛି। ଧାରା ୫୨ ଉକ୍ତ କମିଟିର ବୈଧାନିକ କ୍ଷମତା ଓ କାର୍ଯ୍ୟ ପରିସର ସୂଚିତ କରେ। ଏଠାରେ ସୂଚାଇ ଦିଆଯାଉଛି କି ଆଡଭୋକଟ ଆକ୍ଟ ର ଧାରା ୪୯(୧)(ବ) ଦ୍ୱାରା ଆଇନଜୀବି ମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ଆଚାରସଂହିତା ଅନୁଯାଇ ଜଣେ ଆଇନଜୀବି କୌଣସି ବେନିୟମ ଆଇନବିରୁଦ୍ଧ ଓ କୌଣସି ଅନିୟମିତ କାର୍ଯ୍ୟରେ ଲିପ୍ତ ହେବନାହି, ଲିଖିତ ବୈଦୁତିକ କିମ୍ବା ସାମାଜିକ ଗଣମାଧ୍ୟମରେ କୌଣସି ଆରୁଚିକର, ସମ୍ମାନହାନି ଜନକ ଉଦ୍ଦେଶ୍ୟପ୍ରଣୋଦିତ ତଥା ନିନ୍ଦନୀୟ ମନ୍ତବ୍ୟ, କୌଣସି ନ୍ୟାୟାଳୟ, ବିଚାରପତି, ରାଜ୍ୟ ଆଇନଜୀବୀ ପରିଷଦ ଅଥବା ଭାରତୀୟ ବିଧିଜ୍ଞ ପରିଷଦ ବିରୁଦ୍ଧରେ ଦେଇପାରିବେ ନାହିଁ, ତତ୍ ସହିତ କୌଣସି ଆଡଭୋକେଟ ଜାଣିଶୁଣି ଇଚ୍ଛାକୃତ ଭାବରେ କୌଣସି ରାଜ୍ୟ ଆଇନଜୀବୀ ପରିଷଦ କିମ୍ବା ଭାରତୀୟ ବିଧିଜ୍ଞ ପରିଷଦର କୌଣସି ପ୍ରସ୍ତାବ କିମ୍ବା ନିର୍ଦ୍ଦେଶକୁ ବିରୋଧ କିମ୍ବା ଅସମ୍ମାନ କରିପାରିବେ ନାହିଁ।

## ରାୟ ପ୍ରଦାନରେ ବିଳମ୍ବ ନହେବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବେ ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ(ଏନ୍.ଏମ୍.):** ଶୁଣାଣି ଶେଷ ହେବା ପରେ ରାୟ ଶୁଣାଇବାରେ ହାଇକୋର୍ଟଗୁଡ଼ିକ ପ୍ରଭୂତ ବିଳମ୍ବ କରୁଛନ୍ତି। ଏହି ବିଳମ୍ବକୁ ଏଡାଇବା ପାଇଁ ହାଇକୋର୍ଟଗୁଡ଼ିକ ପାଇଁ ସୁପ୍ରିମକୋର୍ଟ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଯାଉଛନ୍ତି। ସୋମବାର ସୁପ୍ରିମକୋର୍ଟ ଏ ସମ୍ପର୍କିତ ଡ୍ରାଫ୍ଟ ଗାଇଲାଇନ୍ ପ୍ରସ୍ତୁତି ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଆମିକସ୍ କ୍ୟୁରି ଆଡଭୋକେଟ୍ ଫୌଜିଆ ଶକିଲଙ୍କ ଦ୍ୱାରା ଦାଖଲ ହୋଇଥିବା ଡ୍ରାଫ୍ଟ ଗାଇଡଲାଇନକୁ ପ୍ରଶଂସା କରିଛନ୍ତି ଏବଂ ଆମିକସଙ୍କ ପରାମର୍ଶ ଉପରେ ହାଇକୋର୍ଟଙ୍କ ପ୍ରତିକ୍ରିୟା ମାଗିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ, ପରାମର୍ଶ ଏବଂ ପ୍ରତିକ୍ରିୟାକୁ ବିଚାର କରିବା ପରେ ରାୟ ଶୁଣାଯିବ। ଆମେ କାହାକୁ ଟାର୍ଗେଟ କରୁନାହୁଁ। ଏହା କେବଳ ଉତ୍ତରଦାୟିତ୍ୱ ବୃଦ୍ଧି ଓ ଅନୁଷ୍ଠାନକୁ ମଜବୁତ କରିବା ପାଇଁ ଉଦ୍ଦିଷ୍ଟ। ଆମେ ଏକ ସପ୍ତାହ ଅପେକ୍ଷା କରିବୁ, ଏହା ପରେ ଆମେ ଆଦେଶ ଜାରି କରିବୁ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ଶକିଲ ସୂଚନା ଦେଇଛନ୍ତି ଯେ, ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ମକଦ୍ଦମାକାରୀ ଓ ଓକିଲଙ୍କଠାରୁ ମିଳିଥିବା ମତାମତ ଅନୁଯାୟୀ ହାଇକୋର୍ଟରେ ସ୍ଥିତିରେ ସୁଧାର ଆସିଛି। ପ୍ରଧାନ ବିଚାରପତି କହିଛନ୍ତି ଯେ, ହାଇକୋର୍ଟରେ ବହୁତ ଭଲ ବିଚାରପତି ଅଛନ୍ତି ଏବଂ ବେଳେବେଳେ ସେମାନେ ଯଥାସମ୍ଭବ ମାମଲାର ଶୁଣାଣି ପାଇଁ ଅତ୍ୟଧିକ ପ୍ରତିବଦ୍ଧତା ହେତୁ ବିଳମ୍ବ ହୁଏ।

କେତେକ ଆପରାଧିକ ମାମଲାରେ ରାୟ ଦେବାରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ବିଳମ୍ବକୁ ଚ୍ୟାଲେଞ୍ଜ କରି ଏକ ଆବେଦନର ଶୁଣାଣି କରିବା ସମୟରେ କୋର୍ଟ ଏହି ପ୍ରସଙ୍ଗ ଉଠାଇଥିଲେ। ସୁପ୍ରିମକୋର୍ଟ ଏହି ବୃହତ୍ତର ପ୍ରସଙ୍ଗକୁ ଯିବା ଲାଗି ନିଷ୍ପତ୍ତି ନେଇଥିଲେ ଏବଂ ବିଚାରାଧୀନ ରାୟ ସମ୍ପର୍କରେ ସମସ୍ତ ହାଇକୋର୍ଟଙ୍କଠାରୁ ବିସ୍ତୃତ ବିବରଣୀ ଲୋଡ଼ିଥିଲେ। ସଂରକ୍ଷିତ ରାୟ ଘୋଷଣା ଏବଂ ହାଇକୋର୍ଟଙ୍କ ୱେବ୍ସାଇଟ୍ରେ ବିଳମ୍ବିତ ରାୟ ପ୍ରକାଶ କରିବା ପାଇଁ ଆମିକସ୍ ସର୍ବାଧିକ ତିନି ମାସର ସମୟ ପ୍ରସ୍ତାବ ଦେଇଛନ୍ତି।

ଡ୍ରାଫ୍ଟ ଗାଇଡଲାଇନରେ ସୁପାରିସ କରାଯାଇଛି ଯେ, ହାଇକୋର୍ଟମାନେ ସଂରକ୍ଷଣ ତାରିଖଠାରୁ ତିନି ମାସ ମଧ୍ୟରେ ଯୁକ୍ତିଯୁକ୍ତ ରାୟ ପ୍ରଦାନ କରିବାକୁ ଚେଷ୍ଟା କରନ୍ତୁ ଏବଂ ସଂରକ୍ଷଣ ଓ ଘୋଷଣା ମଧ୍ୟରେ ସମୟ ବ୍ୟବଧାନକୁ ହ୍ରାସ କରିବା ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ଗ୍ରହଣ କରନ୍ତୁ। ପରାମର୍ଶରେ ଦର୍ଶାଯାଇଛି ଯେ ଯେଉଁ ତାରିଖରେ ରାୟ ସଂରକ୍ଷିତ ଅଛି ତାହା ହାଇକୋର୍ଟର ୱେବ୍ସାଇଟ୍ରେ ପ୍ରତିଫଳିତ ହେବା ଉଚିତ ଏବଂ ମାମଲାଗୁଡିକ ଅଯୌକ୍ତିକ ଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ 'ଆଂଶିକ ଶୁଣାଣି' ଭାବରେ ଦେଖାଯିବା ଉଚିତ ନୁହେଁ। ଏହା ମଧ୍ୟ ପ୍ରସ୍ତାବ ଦିଆଯାଇଛି ଯେ ବ୍ୟକ୍ତିଗତ ସ୍ୱାଧୀନତା ସହ ଜଡିତ ମାମଲାରେ ହାଇକୋର୍ଟ ଅଧିକ ତ୍ୱରିତ ହେବା ଉଚିତ।

ନିଷ୍କର୍ଷ
NISHKARSHA

# ସମ୍ପାଦକୀୟ

## ମଧ୍ୟପ୍ରାଚ୍ୟ ଯୁଦ୍ଧ : ଉପୁଜୁଛି ସଂଗୀନ ପରିସ୍ଥିତି

ଇରାନ୍ ସହିତ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଛି । ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ୪୮ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଖୋଲା ନ କଲେ ଇରାନକୁ ଭୟାବହ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୨ ମାର୍ଚ୍ଚରେ ଚେତାବନୀ ଦେଇଥିଲେ । ହେଲେ ଚେତାବନୀ ଅବଧି ପୂରି ନ ଥିବା ବେଳେ ଇରାନ୍ ର ଶକ୍ତି ପ୍ଲାଣ୍ଟ ଓ ସେହି ସଂକ୍ରାନ୍ତ ଭିତ୍ତିଭୂମି ଉପରେ ୫ ଦିନ ପାଇଁ ଆକ୍ରମଣ ସ୍ଥଗିତ ରଖିବାକୁ ନିଜ ଆଡୁ ଟ୍ରମ୍ପ୍ ତାଙ୍କ ସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି । ଇରାନ୍ ସହ ଉତ୍ତମ ଓ ସକାରାତ୍ମକ ଆଲୋଚନା ହୋଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ । ଏହା ପରେ ଇରାନ୍ ଗଣମାଧ୍ୟମ ଟ୍ରମ୍ପ୍ ଙ୍କ ଦାବିକୁ ଅସ୍ୱୀକାର କରିବା ସହ ଆମେରିକା ସହିତ କୌଣସି ଭାବେ ପ୍ରତ୍ୟକ୍ଷ ବା ପରୋକ୍ଷ ଆଲୋଚନା ହୋଇ ନ ଥିବା କହିଛି । ଏହା ଦର୍ଶାଉଛି ଯେ, ଇରାନ୍ ତା'ର ସ୍ୱାଭିମାନକୁ ବଞ୍ଚାଇବା ପାଇଁ ନିର୍ଭୀକ ଭାବେ ଯୁଦ୍ଧର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି । ଉପରଲିଖିତ ଘଟଣାକ୍ରମକୁ ତର୍ଜମା କଲେ ଗୋଟିଏ ବିଷୟ ସିଦ୍ଧ ହେଉଛି ଯେ, ଇରାନ୍ କୌଣସି ଭାବେ ଆମେରିକାର ଧମକକୁ ସହ୍ୟ କରିବା ଲାଗି ଇଚ୍ଛୁକ ନୁହେଁ ତା' ନତାଞ୍ଜ ଆଣବିକ କେନ୍ଦ୍ରକୁ ଆମେରିକା ଆକ୍ରମଣ କରିଥିବା ବେଳେ ଇରାନ୍ ମଧ୍ୟ କଡ଼ା ଜବାବ ଦେବାକୁ ଯାଇ ଡିଏଗୋ ଗାର୍ସିଆରେ ଥିବା ଆମେରିକା-ବ୍ରିଟେନ୍ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରିଥିଲା । ଏବେ ଆମେରିକା ସାମୟିକ ସମୟ ପାଇଁ ଯୁଦ୍ଧ ସ୍ଥଗିତ ନିଷ୍ପତ୍ତି ନେବା ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଛି । ସେଥିମଧ୍ୟରେ ଯେଉଁ ବିଷୟ ଗ୍ରହଣଯୋଗ୍ୟ ହେଉଛି, ତାହା ହେଲା ଇରାନ୍ ପକ୍ଷରୁ ଆମେରିକାକୁ ଦିଆଯାଇଥିବା ଧମକ । ତେବେ ଏହି ଯୁଦ୍ଧ କେବଳ ଆମେରିକା, ଇସ୍ରାଏଲ-ଇରାନ ମଧ୍ୟରେ ସୀମିତ ହୋଇ ନାହିଁ । ଏହାର ପ୍ରଭାବ ବିଶ୍ୱବ୍ୟାପୀ ଖେଳାଇଗଲାଣି । ଏଠାରେ ପ୍ରଶ୍ନଉଠୁଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରପ ନିଜ ପତିଆରା ପାଇଁ ଇରାନ ସହ ଯୁଦ୍ଧ ଆରମ୍ଭ କରିଥିଲେ କି ? ପୃଥିବୀ ପୃଷ୍ଠରୁ ଇରାନ ହଜିଗଲେ ଟ୍ରମ୍ପଙ୍କୁ କିଭଳି ଫାଇଦା ମିଳିବ । ଏହି ଯୁଦ୍ଧରେ ହେଉଥିବା କ୍ଷୟକ୍ଷତି ଟ୍ରମ୍ପ ଭରଣା କରିପାରିବେ କି ? ଏମିତି ନାନା ପ୍ରଶ୍ନ ବୁଦ୍ଧିଜୀବୀଙ୍କ ମହଲରେ ଉଙ୍କି ମାରୁଥିବାବେଳେ ଏହାର ପରିଣାମ ସଂଗୀନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି କୁହାଯାଇ ପାରେ ।

# ତାମିଲନାଡୁର ଦଶ ମୁସଲିମ ପରିବର୍ତ୍ତନକାରୀଙ୍କ ମଧ୍ୟରୁ ଚାରି ଜଣ ମହିଳା

ଏକ ସମ୍ବାଦ ପ୍ଲାଟଫର୍ମ 'ଆୱାଜ-ଦି ଭଏସ'(ଏଟିଭି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ତାମିଲନାଡୁର ୧୦ଜଣ ମୁସଲିମ ପରିବର୍ତ୍ତନକାରୀଙ୍କ ବିଷୟରେ କୁହାଯାଇଛି ଯାହାଙ୍କ ମଧ୍ୟରୁ ଚାରି ଜଣ ମହିଳା ଅଛନ୍ତି । ଏହି ବ୍ୟକ୍ତିତ୍ୱମାନେ ଶିକ୍ଷା, କଳା, ସାମାଜିକ ସକ୍ରିୟତା ଓ ଜନସେବା ମାଧ୍ୟମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି । ପରିବେଶ ସୁରକ୍ଷା, ସାହିତ୍ୟ, ରାଜନୈତିକ ସଚେତନତା ଓ ଶିକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନ ତାମିଲନାଡୁର ସାମାଜିକ ଉନ୍ନତିକୁ ଦୃଢ଼ ଭାବେ ଆଗେଇ ନେଉଛି ।

ଡି. ଶରିଫା ଖାନମ ତାମିଲନାଡୁର ନିର୍ଯାତିତ ମୁସଲିମ ମହିଳାମାନଙ୍କ ପାଇଁ ଏକ ଦୟାମୟୀ ରକ୍ଷାକାରୀ ଭାବେ ପରିଚିତ । ପ୍ରାୟ ଦୁଇ ଦଶନ୍ଧି ଧରି ସେ ଭାରତର ମହିଳା ଆନ୍ଦୋଳନରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି । ପୁଡୁକୋଟ୍ଟାକୁ କେନ୍ଦ୍ର କରି ସେ ନିଜ ଜୀବନକୁ ପୀଡ଼ିତ ଓ ନିର୍ଯ୍ୟାତିତ ମୁସଲିମ ମହିଳାମାନଙ୍କ ସହାୟତାରେ ଉତ୍ସର୍ଗ କରିଛନ୍ତି । ମହିଳା ସଶକ୍ତିକରଣ ପାଇଁ ସ୍ଥାପିତ 'ଷ୍ଟେପ୍ସ' ସଂସ୍ଥାର ସ୍ଥାପିକା ଭାବେ ଖାନମ ବର୍ତ୍ତମାନ ଏକ ମହିଳା ମସଜିଦ ସ୍ଥାପନାର ପ୍ରୟାସ କରୁଛନ୍ତି । ଖାନମ ବିଶ୍ୱାସ କରୁଥିଲେ ଯେ, ଅନ୍ୟାୟର ସମ୍ମୁଖୀନ ହେବାବେଳେ ମୁସଲିମ ମହିଳାମାନଙ୍କ ପାଖରେ ସହାୟତା ପାଇବାର କୌଣସି ଉପାୟ ନଥିଲା । ହଠାତ ବିବାହ ବିଚ୍ଛେଦ, ତିନି ତଲାକ, ଭରଣପୋଷଣରୁ ବଞ୍ଚିତ କରାଯିବା, ଘରୋଇ ହିଂସା ଓ ଅନ୍ୟାନ୍ୟ ନିର୍ଯ୍ୟାତନା ଘଟଣାକୁ ପୋଲିସ ଅନେକ ସମୟରେ ଶରିଆ କିମ୍ବା ମୁସଲିମ ବ୍ୟକ୍ତିଗତ ଆଇନ ଅଧୀନରେ ଆସୁଥିବା ବିଷୟ ଭାବରେ ଖାରଜ କରିଦେଉଥିଲା । ଏହି ମାମଲାଗୁଡ଼ିକୁ ପୁରୁଷ-ପ୍ରଧାନ ଜମାତ ପାଖକୁ ପଠାଯାଉଥିଲା । ଏହି ପରିସ୍ଥିତିରେ ମହିଳାମାନଙ୍କ ପାଇଁ ଅଲଗା ମସଜିଦ ସ୍ଥାପନା ହେଲେ ସେଠାରେ ପୀଡ଼ିତା ମହିଳାମାନଙ୍କୁ ଆଶ୍ରୟ, ସମର୍ଥନ ଓ ନ୍ୟାୟ ପାଇବାର ଏକ ସୁରକ୍ଷିତ ମଞ୍ଚ ମିଳିପାରିବ ବୋଲି ଖାନମ ବିଶ୍ୱାସ କରନ୍ତି ।

ସେହିଭଳି ନିକଥ ଫାତିମା ସୋହେଲ ଚେନ୍ନାଇର ଏମ.ଡବ୍ଲ୍ୟୁ.ଏ. ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ମୁସଲିମ ମହିଳାଙ୍କ ପାଇଁ ଶିକ୍ଷାମୂଳକ ପଦକ୍ଷେପକୁ ସମର୍ଥନ କରୁଛନ୍ତି । ସେ ଏକାଡେମି ଫର ୱିମେନର ସହ-ଅଧ୍ୟକ୍ଷା ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି । ଏହା ସହିତ ସେ ମୁସଲିମ ଯୁବକ-ଯୁବତୀ ଓ ମହିଳାମାନଙ୍କ ଶିକ୍ଷା ସମ୍ବନ୍ଧୀୟ ଅନେକ ସଂଗଠନ ସହ ଜଡ଼ିତ ଅଛନ୍ତି । ଶିକ୍ଷାଗତ ସମସ୍ୟାରେ ପୀଡ଼ିତ ଶିଶୁମାନଙ୍କ ପାଇଁ ସେ ପାଞ୍ଚଟି ଶିକ୍ଷାକେନ୍ଦ୍ର ସ୍ଥାପନା କରିଛନ୍ତି । ସେ ମାଟ୍ରିକ ପାଇଁ ଏକ ସ୍କୁଲର ମୁଖ୍ୟଥିଲେ, ଯେଉଁଥିରେ ଆଜି ପ୍ରାୟ ୧୫୦୦ ଛାତ୍ରଛାତ୍ରୀ ପଢୁଛନ୍ତି । ଗତ ୩୦ବର୍ଷ ଧରି ସେ ତାମିଲନାଡୁରେ କନ୍ୟାମାନଙ୍କ ଶିକ୍ଷା ଓ ସାମାଜିକ ଉନ୍ନତି ପାଇଁ ଅନବରତ ପ୍ରୟାସ କରୁଛନ୍ତି । ଅଞ୍ଜୁମନ-ଇ-ଇସ୍ଲାମର ଅଧୀନରେ ଚାଲୁଥିବା 'ଏକାଡେମି ଫର ୱିମେନ'ର ସହ-ଅଧ୍ୟକ୍ଷା ଭାବେ ସେ ମହିଳା ସଶକ୍ତିକରଣକୁ ଆଗେଇ ନେଉଛନ୍ତି । ଛୋଟବେଳୁ ଅସହାୟ ଓ ଅବହେଳିତ ଶିଶୁମାନଙ୍କୁ ସହାୟତା କରିବାର ଯେଉଁ ଆଗ୍ରହ ତାଙ୍କ ମନରେ ଜାଗ୍ରତ ହୋଇଥିଲା, ସେହି ଉତ୍ସାହ ଆଜି ଶତାଧିକ ଯୁବକ-ଯୁବତୀଙ୍କ, ବିଶେଷକରି କନ୍ୟାମାନଙ୍କ ଜୀବନକୁ ଶିକ୍ଷା ଓ ସଶକ୍ତିକରଣର ଆଲୋକରେ ଉଜ୍ଜ୍ୱଳ କରିଛି । କେବଳ ସେତିକି ନୁହେଁ, ଫାତିମା ମୁଜାଫର ଅହମଦ ୨୦୨୨ରେ ଚେନ୍ନାଇ କର୍ପୋରେଟସନରେ ଛଅ ଜଣ ମୁସଲିମ ମହିଳା ପାରିଷଦଙ୍କ ମଧ୍ୟରେ ଜଣେ ସଦସ୍ୟ ଭାବେ ନିର୍ବାଚିତ ହୋଇ ଭାରତୀୟ ୟୁନିଅନ ମୁସଲିମ ଲିଗ(ଆଇୟୁଏମଏଲ)ର ନୂତନ ଚେହେରାକୁ ପ୍ରତିନିଧିତ୍ୱ କରୁଛନ୍ତି । ନିର୍ବାଚନରେ ତାଙ୍କର ଚୟନ ଅନେକଙ୍କ ପାଇଁ ଆଶ୍ଚର୍ଯ୍ୟ କଥା ନୁହେଁ, କାରଣ ସେ ଏକ ଜଣାଶୁଣା ରାଜନୈତିକ ପରିବାରରୁ ଆସିଛନ୍ତି । ତାଙ୍କର ପିତା ଏ.କେ. ଅବ୍ଦୁଲ ସମାଦ (ଆଇୟୁଏମଏଲ)ର ପୂର୍ବତନ ଜାତୀୟ ସାଧାରଣ ସଚିବ ଥିଲେ ଏବଂ ଲୋକସଭା ଓ ରାଜ୍ୟସଭାରେ ଦୁଇଥର ବେଲରରକୁ ପ୍ରତିନିଧିତ୍ୱ କରିଥିଲେ ।

ସୋଫିଆ ଆଶରଫ କେବଳ ଏକ ସାଧାରଣ ରାପ୍ କଳାକାର ନୁହଁନ୍ତି । ସେ ତାଙ୍କର ସଙ୍ଗୀତକୁ ପ୍ରତିବାଦ, ସାମାଜିକ ସଚେତନତା ଏବଂ ମହିଳା ସଶକ୍ତିକରଣ ପାଇଁ ସକ୍ରିୟ ଭାବେ ବ୍ୟବହାର କରୁଛନ୍ତି । ଚେନ୍ନାଇର ଗଳିକନ୍ଦିରେ ତାଙ୍କର ରାପ ମାଧ୍ୟମରେ ସେ ମହିଳାମାନଙ୍କ ପ୍ରତି ଷ୍ଟେରିଓଟାଇପ୍ସ, ଶରୀର ଉପରେ ବିଧି ନିଷେଧ ଏବଂ କର୍ପୋରେସନମାନଙ୍କ ଅନ୍ୟାୟକୁ ଚାଲେଞ୍ଜ କରୁଛନ୍ତି । ସମାଜର ଭେଦଭାବ ଓ ଅନ୍ୟାୟକୁ ଦର୍ଶାଉଥିବା ମହିଳାମାନଙ୍କ ସମସ୍ୟାଗୁଡ଼ିକୁ ସାମ୍ନାକୁ ଆଣିବାରେ ସୋଫିଆ ଏକ ନିରନ୍ତର ଅଭିମୁଖ୍ୟ ଗ୍ରହଣ କରିଛନ୍ତି । ଭୋପାଳ ଗ୍ୟାସ ଦୁର୍ଘଟଣା ପାଇଁ ତାଙ୍କର ୟୁନିଅନ କାର୍ବାଇଡ଼ ରାପ ଭିଡିଓ କଳାରେ ଏକ ଐତିହାସିକ ସଂକେତ ସୃଷ୍ଟି କରିଛି ।

ନବାବଜାଜା ମହମ୍ମଦ ଆସିଫ ଅଲି ଆର୍କୋଟର ରାଜପୁତ ପରିବାରର ଉତ୍ତରାଧିକାରୀ ଏବଂ ଆର୍କୋଟ ପ୍ରିନ୍ସଙ୍କର ଦେୱାନ, ସାମ୍ପ୍ରଦାୟିକ ସମନ୍ୱୟ ଏବଂ ଦାନଶୀଳତାର ପ୍ରତୀକ ଭାବେ ପରିଚିତ । ଆର୍କୋଟ ପ୍ରିନ୍ସ ପରିବାର ଚେନ୍ନାଇ ସାମାଜିକ ଓ ସାଂସ୍କୃତିକ ପରିବେଶରେ ଏକ ସ୍ୱତନ୍ତ୍ର ପ୍ରଭାବ ରଖନ୍ତି । ତାଙ୍କର ପ୍ରାସାଦ, ଅମୀର ମହଲ, ଆର୍କୋଟ ଫାଉଣ୍ଡେସନ ଦ୍ୱାରା ଧର୍ମ ନିରପେକ୍ଷ ଭାବେ ଗରିବମାନଙ୍କ ପାଇଁ ସାହାର୍ଯ୍ୟମୂଳକ କାର୍ଯ୍ୟକ୍ରମର ଏକ କେନ୍ଦ୍ର । ବର୍ତ୍ତମାନ ପ୍ରିନ୍ସ ନବାବ ମହମ୍ମଦ ଅବ୍ଦୁଲ ଅଲି ସହରରେ ସମସ୍ତଙ୍କ ସ୍ନେହର ପାତ୍ର, କିନ୍ତୁ ଦୈନନ୍ଦିନ କାର୍ଯ୍ୟ ଯଥା ଦାନ ଶିବିର, ଅନ୍ତଧର୍ମୀୟ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ପ୍ରୟାସଗୁଡ଼ିକ ତାଙ୍କ ପୁଅ ନାବାବଜାଦା ମହମ୍ମଦ ଆସିଫ ଅଲ୍ଲିଙ୍କ ଦ୍ୱାରା ପରିଚାଳିତ ହୁଏ ।

ଜାକିର ହୁସେନ ଜଣେ ଭାରତ ନାଟ୍ୟମ ନୃତ୍ୟଶିଳ୍ପୀ ଭାବେ ଲିଙ୍ଗ ଏବଂ ସମ୍ପ୍ରଦାୟ ପ୍ରତିବନ୍ଧକକୁ ଭାଙ୍ଗି ତାଙ୍କ ନୃତ୍ୟ ମାଧ୍ୟମରେ ସଶକ୍ତିକରଣକୁ ପ୍ରୋତ୍ସାହନ କରୁଛନ୍ତି । ଯୁବାବସ୍ଥାର ଅଧିକାଂଶ ସମୟ ସେ ଭାରତ ବାହାରେ ଭ୍ରମଣ କରି ସମୟ ବିତାଇଛନ୍ତି । ସେ କାନାଡ଼ା, ସ୍ୱିଜରଲ୍ୟାଣ୍ଡ ଏବଂ ଜର୍ମାନୀରେ ଭାରତୀୟଙ୍କ ପାଇଁ ନୃତ୍ୟ ଶ୍ରେଣୀ ପରିଚାଳନା କରୁଥିଲେ । ବିଦେଶରେ ପ୍ରଦର୍ଶନ ପାଇଁ ସେ ସୁନାମ ଅର୍ଜନ କରିଛନ୍ତି । ସେହିଭଳି ଜଣେ ସଂରକ୍ଷଣବାଦୀ ଭାବରେ ମହମ୍ମଦ ସଲିମ ବିପଦଗ୍ରସ୍ତ ପକ୍ଷୀମାନଙ୍କୁ ଉଦ୍ଧାର କରିବା ଦିଗରେ ଧ୍ୟାନଦେଇ 'ପକ୍ଷୀ ମଣିଷ' ଭାବେ ଜଣାଶୁଣା । ସେ ତାମିଲନାଡୁର ସଲିମ ଅଲ୍ଲି, ଯିଏ ସାରା ଭାରତରେ ବିପଦଗ୍ରସ୍ତ ପକ୍ଷୀମାନଙ୍କ ଉଦ୍ଧାର ମିଶନରେ ତାଙ୍କ ଜୀବନ ବିତାଇଛନ୍ତି । ସଂରକ୍ଷଣ ଜୀବ ବିଜ୍ଞାନ କିମ୍ବା ଜୀବବିଜ୍ଞାନ, ମହମ୍ମଦ ସଲିମଙ୍କ କୌଣସି ପାଠ୍ୟକ୍ରମର ଅଂଶ ନଥିଲା । ସେ କମ୍ପ୍ୟୁଟର ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ ମାତ୍ର ତାଙ୍କ ହୃଦୟ ସର୍ବଦା ବାକହୀନ ପ୍ରାଣୀ ଯଥା ପକ୍ଷୀ, ସାପ, କୁକୁର ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କ ମଙ୍ଗଳ ପାଇଁ ବ୍ୟାକୁଳ ଥିଲା । ବିପଦଗ୍ରସ୍ତ ପ୍ରାଣୀମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ତୀକ୍ଷ୍ଣ ନଜର ଏବଂ କାର୍ଯ୍ୟାମୁଖୀ ଆଭିମୁଖ୍ୟ ପାଇଁ ସେ 'ଏନଭରମେଣ୍ଟ କଞ୍ଜରଭେସନ ଗ୍ରୁପ' ନାମକ ଏନଜିଓ ଚଳାଉଛନ୍ତି ।

ମହମ୍ମଦ ଉସମାନ, ମଦ୍ରାସା ଇମଦଦିଆ ନାମରେ ଏକ ଟ୍ରଷ୍ଟ ପ୍ରତିଷ୍ଠା କରିଥିଲେ ଯାହା ସବୁଠାରୁ ଅବହେଳିତ ପୃଷ୍ଠ ଭୂମିର ଦୃଷ୍ଟିହୀନ ଓ ଅକ୍ଷମ ଛାତ୍ରମାନଙ୍କୁ ସହାୟତା କରେ । ତାମିଲ ନାଡୁର ଦୃଷ୍ଟିହୀନଙ୍କ ପାଇଁ ଏକ ମଦ୍ରାସା ପ୍ରତିଷ୍ଠା କରି ବ୍ରେଲି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ଏବଂ ବ୍ରେଲିରେ ପୁସ୍ତକ ପ୍ରକାଶ କରିବା ଦିନରେ ମହମ୍ମଦ ଉସମାନଙ୍କ ଉଦ୍ୟମ ସମ୍ମାନର ପାତ୍ର । ଉପାନ୍ତ ଅଞ୍ଚଳର ବ୍ୟକ୍ତିମାନଙ୍କ ଜୀବନ ଉପରେ ଲେଖା ପାଇଁ କୀରାନୁର ଜାକିରରାଜା ଜଣେ ତାମିଲ ଲେଖକ ଭାବେ ଜଣାଶୁଣା ଏବଂ ତାମିଲ ସାହିତ୍ୟ ଜଗତରେ ଏକ ଉଲ୍ଲେଖନୀୟ ବ୍ୟକ୍ତିତ୍ୱ । ତାମିଲନାଡୁର ମୁସଲମାନଙ୍କ ଉପାନ୍ତ ବର୍ଗର ପୁରୁଷ, ମହିଳା ଏବଂ ପିଲାମାନେ ତାଙ୍କ ଉପନ୍ୟାସର ପୃଷ୍ଠାରେ ନୂତନ ଜୀବନ ପାଆନ୍ତି । ତାଙ୍କ ଲେଖାଗୁଡ଼ିକ ସାହସିକ, ସଚ୍ଚୋଟ ଏବଂ ରାଜ୍ୟର ମୁସଲିମ ସମ୍ପ୍ରଦାୟର ରକ୍ଷଣଶୀଳ ଏବଂ ରଢ଼ିବାଦୀ ବର୍ଗର ସମାଲୋଚନାକୁ ଉତ୍ତେଜିତ କରେ । ଜଣେ ବହୁ ଭାଷୀ ଭାବେ ମହମୁଦ ଆକ୍ରମ ୧୯ବର୍ଷ ବୟସରେ ପ୍ରାୟ ୪୦୦ ଭାଷା ଶିଖିସାରିଛନ୍ତି ଏବଂ ପ୍ରାୟ ୪୬ଟି ଭାଷାରେ ସେ ପାରଙ୍ଗମ । ୧୦ବର୍ଷ ବୟସରେ ସେ ଗୋଟିଏ ଘଣ୍ଟା ମଧ୍ୟରେ ୨୦ଟି ଭିନ୍ନ ଲିପିରେ ଭାରତର ଜାତୀୟ ସଂଗୀତ ଲେଖିଥିଲେ । ୧୨ବର୍ଷ ବୟସରେ ସେ ୩ମିନିଟ ମଧ୍ୟରେ ଅଧିକ ଭାଷାରେ ଏକ ବାକ୍ୟ ଅନୁବାଦ କରିଥିଲେ । ଆକ୍ରମ ଏମିତି ଏକ ପରିବେଶରେ ବଢ଼ିଥିଲେ ଯେଉଁଠି ତାଙ୍କ ପିତା ୧୬ଟି ଭାଷାରେ ପାରଙ୍ଗମ ଥିବା ଜଣେ ବହୁଭାଷୀ ଶବ୍ଦ, ଲିପି ଏବଂ ଫୋନେମର ବହୁଳ ବ୍ୟବହାର ହେଉଥିଲା । ତାମିଲନାଡୁର ଏହି ୧୦ଜଣ ପ୍ରତିଭାବାନ ପୁରୁଷ ଓ ମହିଳା ରାଜ୍ୟସାରା ସଶକ୍ତିକରଣର ବାର୍ତ୍ତା ଦେଉଛନ୍ତି । ସେମାନେ ସେମାନଙ୍କ ପସନ୍ଦିତ କ୍ଷେତ୍ରରେ ନିଜର ଛାପ ଛାଡ଼ିଛନ୍ତି ଏବଂ ସମାଜ ଉପରେ ପ୍ରଭାବ ପକାଇବା ପାଇଁ ଅନ୍ୟମାନଙ୍କୁ ସେମାନଙ୍କ ପରିସ୍ଥିତି କିମ୍ବା ଆରମ କ୍ଷେତ୍ରରୁ ଉପରକୁ ଉଠି ପ୍ରଭାବିତ କରୁଛନ୍ତି । ଏହି ନେତାମାନେ ବିଭିନ୍ନ ପ୍ରତିବନ୍ଧକ ଭାଙ୍ଗି ସମାଜକୁ ସଶକ୍ତ କରୁଛନ୍ତି ଏବଂ ରାଜ୍ୟ ଓ ଅଞ୍ଚଳର ବିକାଶକୁ ପ୍ରୋତ୍ସାହିତ କରୁଛନ୍ତି । ତାମିଲନାଡୁର ୧୦ଜଣ ମୁସଲିମ ପରିବର୍ତ୍ତନକାରୀଙ୍କ ବିଷୟରେ ଚର୍ଚ୍ଚା ଏକ ସମ୍ବାଦ ପ୍ଲାଟଫର୍ମ ଆୱାଜ-ଦି ଭଏସ ଦ୍ୱାରା ପ୍ରସ୍ତୁତ ଏବଂ ପ୍ରକାଶିତ ହୋଇଥିଲା ।

-ସୟଦ ଅଲ୍ଲି ମୁଜତାବା
ସାମ୍ବାଦିକ, ଚେନ୍ନାଇ

# ମାଟିର ମୋହ

ନ ଦଶଟା ହେବ । ଖରା ତେଜ ବଢ଼ି ବଢ଼ି ଚାଲିଛି । ବୈଶାଖ ମାସର ଖରା । ଆଗକୁ ପୁଣି ଆହୁରି ବଢ଼ିବ । ରାସ୍ତା ଚୌଡ଼ା ହେବ ବୋଲି ଗଛ ସବୁ କାଟି ଦିଆ ଯାଇଛି । ନୂଆ ଗଛ ଲଗାଯାଇ ପାରି ନାହିଁ । ସହର ଶ୍ରୀହୀନ ହୋଇପଡ଼ିଛି । ପରେଶ ବାବୁ ତାଙ୍କ ପଢ଼ା କୋଠରିରେ ବସି ଖଣ୍ଡିଏ ବହି ପଢ଼ିବାରେ ଲାଗିଛନ୍ତି । ଷାଠିଏ ଟପିଲାଣି । ତଥାପି ପଢ଼ାରେ ଝୁଙ୍କ ଲାଗି ରହିଛି ।

ଆଜିକାଲି ବହି ପଢ଼ିବା ଆଗ୍ରହ କମି କମି ଯାଉଥିବା ବେଳେ ପରେଶ ବାବୁଙ୍କ ଆଗ୍ରହ ପଢ଼ିବା ପାଇଁ ବଢ଼ି ଚାଲିଛି । ସୁପ୍ତ ଥିବା ମଣିଷର ଭାବନାକୁ ପୁସ୍ତକ ଜାଗ୍ରତ କରେ । ମନ ଚଞ୍ଚଳ ରହେ । ତେଣୁ ସଭିଏଁ ବହି ପଢ଼ିବା ଉଚିତ । ବହିହିଁ ମଣିଷର ପ୍ରକୃତ ବନ୍ଧୁ । ମୁଣ୍ଡ ଉପରେ ପଙ୍ଖା ଘିର୍ ଘିର୍ ଘୂରୁଛି । ସେହି ପବନ ଦେହରେ ବାଜିଲେ ମନ ହାଲ୍କା ଲାଗୁଛି । ଅସହ୍ୟ ଗରମରୁ ଟିକିଏ ତ୍ରାହି ମିଳୁଛି । ଲୋ' ଭୋଲ୍ଟେଜ୍ ଯୋଗୁଁ ପଙ୍ଖା ମଧ୍ୟ ଧିମେଇ ଧିମେଇ ଘୂରୁଛି । ସବୁଦିନ ବିଜୁଳି ବିଭ୍ରାଟ ଲାଗି ରହିଛି । ବିଜୁଳି ନିୟମିତ ଯୋଗାଇ ଦେବା ବିଭାଗୀୟ ବାବୁମାନଙ୍କ ଦାୟିତ୍ୱ ଭୁଲି ଗଲା ଭଳି ମନେ ହେଉଛି । ଲୋକଙ୍କ ମଧ୍ୟରେ ବିଜୁଳି ବିଭାଗ ପ୍ରତି ଅସନ୍ତୋଷ ଦେଖା ଦେଇଛି । ଠିକ୍ ସେହି ମୁହୂର୍ତ୍ତରେ ଦୁଇଜଣ ଯୁବକ ଘର ଭିତରକୁ ଆସି ନମସ୍କାର ଜଣାଇ ସମ୍ମୁଖରେ ଠିଆ ହେଲେ । ପରେଶ ବାବୁ ପଢ଼ା ବହିରୁ ମୁଣ୍ଡ ଉଠାଇ ସେମାନଙ୍କୁ ଦେଖିନେଇ ବସିବା ପାଇଁ କହିଲେ । ନା' ସାର୍ ! ଆମେ ଆଉ ବସିବୁ କାହିଁକି ? ଆପଣଙ୍କୁ ନିମନ୍ତ୍ରଣ କାର୍ଡ଼ ଦେଇ ଆମେ ଯାଉଛୁ କାର୍ଡ଼ ବାଣ୍ଟିବା ପାଇଁ । ଆସନ୍ତା କାଲି ଆମ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ ।

କାର୍ଡ଼ ଖଣ୍ଡିକ, ପରେଶ ବାବୁ ସେମାନଙ୍କ ହାତରୁ ନେଇ ପଢ଼ି କହିଲେ ମୁଁ ଠିକ୍ ଛଅଟାରେ ପହଞ୍ଚିଯିବି । ଆପଣମାନେ ଠିକ୍ ସମୟରେ ସଭା କାର୍ଯ୍ୟ ଆରମ୍ଭ କରିବେ । ଆଜିକାଲି ସଭା ସମିତି ହେଉଛି, କର୍ମକର୍ତ୍ତାମାନେ ସମୟ ପ୍ରତି ସଚେତନ ହେଉ ନାହାନ୍ତି । ସେଥିପାଇଁ ନିର୍ଦ୍ଦିଷ୍ଟ ସମୟରେ ସଭା ହୋଇପାରୁ ନାହିଁ । ସମୟ ପ୍ରତି କର୍ମକର୍ତ୍ତା ସଚେତନ ହେଲେ, ଶ୍ରୋତାମଣ୍ଡଳୀ ମଧ୍ୟ ସମୟ ପ୍ରତି ସଚେତନ ହୋଇଯିବେ । ସଭା ବିଳମ୍ବ ହେବା ଜାଣି ସେମାନେ ମଧ୍ୟ ବିଳମ୍ବରେ ଆସି ଥାଆନ୍ତି । ଯୁବକମାନେ ମୁହଁରେ ହସ ଖେଳାଇ କହିଲେ, ସାର୍ ଆମେ ଜାଣିଛୁ ଆପଣ ଠିକ୍ ସମୟରେ ନିଶ୍ଚୟ ପହଞ୍ଚିବେ । ଆପଣ ସମୟ ପ୍ରତି ସଚେତନ । ତେଣୁ ଆମେ ମଧ୍ୟ ଏହା ଜାଣି ଆମେ ଠିକ୍ ସମୟରେ ସଭା କାର୍ଯ୍ୟ ଆରମ୍ଭ କରିଦେବୁ । ସେମାନଙ୍କଠୁ ନିର୍ଭର ପ୍ରତିଶ୍ରୁତି ପାଇ, ମୁହଁରେ ହସ ଖେଳାଇ ସେ ଧନ୍ୟବାଦ ଦେଲେ । ଯୁବକମାନେ ନମସ୍କାର ଜଣାଇ ବିଦାୟ ନେଲେ । ନାଲି, ହଳଦିଆ, ଧଳା ରଙ୍ଗର ବିଶାଳ କୋଠା ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ରହିଛି । ପିଚୁ ରାସ୍ତା ଆଗକୁ ଲମ୍ବିଯାଇଛି । ଗୁଡ଼ାଏ ସାଇକେଲ୍, ମଟରସାଇକେଲ୍, କାର୍, ଟ୍ରକ୍ ଆଗକୁ ଆଗକୁ ଛୁଟି ଚାଲିଛି । ଘର ସମ୍ମୁଖରେ ସେ ଅନେକ ଲୋକଙ୍କ ସମାଗମ ଦେଖିବାକୁ ପାଇଲେ । ଯୁବକମାନେ ଘରୁ ବାହାରି ରାସ୍ତାକୁ ଆସି ଏତେ ଲୋକଙ୍କୁ ଦେଖି ପ୍ରଶ୍ନ କଲେ, କାହାକୁ ଖୋଜୁଛ ? ଏ ଘର କ'ଣ .... ବାବୁଙ୍କ ଘର ? ଯୁବକମାନେ ସେମାନଙ୍କଠୁ ନାମ ଜାଣିବା ପରେ ଆଶ୍ଚର୍ଯ୍ୟ ନୟନରେ ସେମାନଙ୍କୁ ଚାହିଁ କହିଲେ, ହଁ, ହଁ ଏହା ହିଁ ତାଙ୍କ ଘର । ବାବୁମାନଙ୍କଠୁ ସମ୍ମତି ସୂଚନା ପାଇବାରୁ, ସେମାନଙ୍କ ମନରେ ଦମ୍ଭ ଫେରି ଆସିଲା । ଅଚିହ୍ନା ସହରରେ ସେମାନେ ନିଜର ଉଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଯାଇଛନ୍ତି ଜାଣି ଖୁସିହେଲେ । କୌତୂହଳ ହୋଇ ପ୍ରଶ୍ନ କଲେ, କେଉଁଠୁ ଆସିଛ ? ଜଣେ ବୟସ୍କ ବ୍ୟକ୍ତି ଉତ୍ତର ଦେଲେ, ଆମେ ସୂର୍ଯ୍ୟଗଡ଼ରୁ' ଆସିଛୁ । ସୂର୍ଯ୍ୟଗଡ଼, ସେ ଫେର୍ କେଉଁଠି ? ଆମ ପାଇଁ ଏହା ନୂଆ । ବାବୁ.... ସୂର୍ଯ୍ୟଗଡ଼ ଥୁଆମୂଳ ରାମପୁର ବ୍ଲକର ପାହାଡ଼ ମୁଣ୍ଡରେ ଥିବା ଶେଷ ଗାଁ । ବାହାରେ ଏମିତି କଥାବାର୍ତ୍ତା ଶୁଣି ପରେଶ ବାବୁ ତାଙ୍କ ଚୌକିରୁ ଉଠିଆସି ଆଗକୁ ଆସି ଏତେ ଲୋକଙ୍କୁ ଦେଖି ଆଶ୍ଚର୍ଯ୍ୟରେ ସମସ୍ତଙ୍କ ମୁହଁକୁ କୌତୂହଳରେ ଅନାଇ ରହିଲେ । ଯୁବକମାନେ ପରେଶ ବାବୁଙ୍କୁ ଦେଖି, ଆଗନ୍ତୁକମାନଙ୍କୁ ଇସାରା ଦେଲେ ସାର୍ ଆଗରେ ଛିଡ଼ା ହୋଇଛନ୍ତି, ଯାଇ ଭେଟ । ଏତକ କହି ସେମାନେ ନିଜ କାମରେ ଚାଲିଗଲେ । ସମସ୍ତେ ବାବୁଙ୍କୁ ଦେଖି ନିଶ୍ଚିତ ମନରେ ପାଖକୁ ଚାଲିଆସି ନମସ୍କାର ଜଣାଇଲେ । ପରେଶ୍ ବାବୁ ସଭିଙ୍କି ଦେଖିନେଇ ତାଙ୍କ ପଢ଼ା କୋଠରିକୁ ଡାକି ଆଣି ବସିବା ପାଇଁ କହିଲେ । ଏତେ ଲୋକଙ୍କୁ ବସିବା ପାଇଁ ଚୌକି ନାହିଁ । ଦଶଜଣ ଚୌକିରେ ବସି ପଡ଼ି ଅନ୍ୟମାନେ ବିନା ଦ୍ୱିଧାରେ ତଳେ ବସିପଡ଼ିଲେ । କୌତୂହଳ ହୋଇ ସଭିଙ୍କୁ ଅନାଇନେଇ ପ୍ରଶ୍ନ କଲେ, କ'ଣ ଚାଲି ଚାଲି ଆସିଛ ? ପାଦରେ ଏତେ ଧୂଳି । ଥୁଆମୂଳ ରାମପୁରରେ ବସ୍ ବସିଲୁ । ଅଟାଙ୍ଗଗୁଡ଼ା' ପାଖରେ ବସ୍ ଖରାପହୋଇଗଲା, ସେଠୁ ଚାଲି ଚାଲି ଆସିଛୁ, ଆପଣଙ୍କୁ ଭେଟିବା ପାଇଁ । ଆମେ ସବୁ ସୂର୍ଯ୍ୟଗଡ଼, ଦୂରମୁସି, କନରପାସ ପ୍ରଭୃତି ଗାଁରୁ ଆସିଛୁ । ସୂର୍ଯ୍ୟଗଡ଼' ନାଁ ଶୁଣିବା ପରେ ପରେଶ ବାବୁଙ୍କ ଦେହରେ ଚମକ ଖେଳିଗଲା । କେତେ ଦୂରରୁ ଏମାନେ ଆସିଛନ୍ତି । ତହିଁରେ ପୁଣି ପ୍ରଚଣ୍ଡ ଖରାରେ, ବସ୍ ବିଗିଡ଼ିଯିବା ଯୋଗୁଁ ଚାଲି ଚାଲି ଚାରି କିଲୋମିଟର ଚାଲି ଆସିଛନ୍ତି । ପରେଶ ବାବୁଙ୍କ ମନରେ ତାଙ୍କ ପୂର୍ବ ସ୍ମୃତି ମନେ ପଡ଼ିଗଲା । ଅପହଞ୍ଚ ଅଞ୍ଚଳ ସୂର୍ଯ୍ୟଗଡ଼ । ପାହାଡ଼ ଘେରା ଛୋଟିଆ ଗାଁଟି । ଦିନ ନଅଟାରେ ସୂର୍ଯ୍ୟ ଦେଖନ୍ତି । ଦିନ ତିନିଟାରେ ସୂର୍ଯ୍ୟ ଅସ୍ତ ଯାଆନ୍ତି । ଏତେ ଦୂରରୁ ସେମାନେ ଆସିଛନ୍ତି । ସେ ଚଳଚଞ୍ଚଳ ହୋଇ ଉଠିଲେ । ମନରେ ସେମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭରି ଉଠିଲା । ପ୍ରଥମେ ଗୋଡ଼ ଧୂଳି ଧୋଇ ଓ ମୁହଁ ଧୋଇ ଆସିବା ପାଇଁ ସେ ପାଖ ପାଇପ୍କୁ ଦେଖାଇ ଦେଲେ । ଖରା ତେଜ ପଡ଼ି ସେମାନଙ୍କର ମୁହଁ ଝାଉଁଳି ଯାଇଛି । ସେମାନଙ୍କୁ ଶୋଷ ହେଉଥିବ । ପ୍ରଥମେ ସଭିଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ଅନୁମାନ କରିନେଲେ । ପାଇପ୍ରେ ଗୋଡ଼, ମୁହଁ ଧୋଇ ପୋଛି, ଗୋଟି ଗୋଟି ଆସି ବସି ଯାଉଥାନ୍ତି । ବସ, ମୁଁ ଆସୁଛି କହି, ଘର ଭିତରକୁ ଯାଇ ଶ୍ରୀମତୀଙ୍କୁ କହିଲେ, ହେଇଟି ଶୁଣିଲ... ।ମୋର ନୂଆ ଅତିଥିମାନେ ସୂର୍ଯ୍ୟଗଡ଼ରୁ ଆସିଛନ୍ତି । ସେମାନଙ୍କ ପାଇଁ ପନ୍ଦର ଗ୍ଲାସ ପାଣି, ଆଉ ପନ୍ଦର କପ୍ ଚା' ଦରକାର । ପନ୍ଦର କପ୍ ନାଁ' ଶୁଣି ଶ୍ରୀମତୀ ଆଶ୍ଚର୍ଯ୍ୟ ହୋଇ ଚାହିଁ କହିଲେ.... ପନ୍ଦର କପ୍ ? ମୁହଁରେ ହସ ଖେଳାଇ ଶ୍ରୀମତୀଙ୍କ ମୁହଁକୁ ଚାହିଁ.....ହଁ.... ପନ୍ଦର କପ୍ । ତା' ସହିତ ଗୋଟିଏ ବଡ଼ ପ୍ଲେଟରେ ବିସ୍କୁଟ ମଧ୍ୟ... । ଏତକ କହି କାମ ତୁରନ୍ତ ସାରିବା ପାଇଁ ଇସାରା ଦେଇ ଚାଲିଆସି ତାଙ୍କ ଚୌକିରେ ସେ ବସି ପଡ଼ିଲେ । ସଭିଏଁ ଗୋଡ଼ ହାତ ମୁହଁ ଧୋଇ ଫୁର୍ତ୍ତିରେ ବସି ରହିଥାନ୍ତି । ସମସ୍ତଙ୍କ ନାଁ', ବାପର ନାଁ ପଚାରି ବୁଝି ନେଲେ । ବାପର ନାଁ' ଜାଣିଲେ ସେ ଜାଣି ପାରିବେ । ତା'ର କିଛି କ୍ଷଣ ପରେ, ପିଇବା ପାଣି ନେଇ ଜଣେ ଆସି ସଭିଙ୍କି ପରସି ଦେଇଗଲା । ସମସ୍ତେ ପାଣି ପିଇ ତୃପ୍ତି ପାଇ ମନକୁ ଆଶ୍ୱସ୍ତ କଲେ । ମୁହଁରେ ହସ ଫୁଟି ଉଠିଲା । ପରେ ପରେ ଗୋଟିଏ ପ୍ଲେଟରେ ବିସ୍କୁଟ୍, ଚା' ଆସିଲା । ଜଣେ ଜଣେ ହାତରେ ବିସ୍କୁଟ ନେଇ ଚା' କପ୍ ନେଇଗଲେ । ସମସ୍ତେ ଚା' ବିସ୍କଟ ନେଇ ଖାଇ, ମନରେ ଫୁର୍ତ୍ତିଭାବ ଖେଳିଗଲା । ସଭିଏଁ ସଭିଙ୍କ ମୁହଁକୁ ଅନାଇନେଇ ଆତ୍ମତୃପ୍ତି ଭାବ ମୁହଁରେ ଚହଟି ଆସିଲା ।ଜଣେ ଛିଡ଼ା ହୋଇପଡ଼ି କହିଲା, ବାବୁ ଆପଣ ଆମ ଅଞ୍ଚଳକୁ ଯିବାପାଇଁ ଆମେ ଆଶା, ବିଶ୍ୱାସ ନେଇ ଏତେ ଦୂରରୁ ଆସିଛୁ । ଆପଣଙ୍କୁ ଆମ ଅଞ୍ଚଳକୁ ଯିବାକୁ ପଡ଼ିବ । ଆପଣ ଆମ ଦୁଃଖ ଦୁର୍ଦ୍ଦଶା ଦେଖି ଆସିବେ । ସେହି ଭରସା ନେଇ ଆମେ ଆପଣଙ୍କ ପାଖକୁ ଆସିଛୁ । ପରେଶ ବାବୁ ସେମାନଙ୍କ ମନର କଥା ଜାଣିପାରି ଆଶ୍ଚର୍ଯ୍ୟ ହୋଇ ସେମାନଙ୍କୁ ଅନାଇ କହିଲେ । ତମେମାନେ ତୁମ ଲୋକପ୍ରତିନିଧି, ଅବା ଜିଲ୍ଲାପାଳଙ୍କୁ ନ ଭେଟି ମୋ' ପାଖକୁ ଆସିଲ କାହିଁକି ? ମୁଁ ତ ଆଉ ବର୍ତ୍ତମାନ ଲୋକପ୍ରତିନିଧି ନାହିଁ !ଯା' ଫଳରେ ତୁମ ସମସ୍ୟାର ସମାଧାନ କରିଦେଇ ପାରିବି । ସମସ୍ତେ ଏକସ୍ୱରରେ କହିଲେ, ଆପଣ ଆମ ଲୋକପ୍ରତିନିଧି ନ ଥିଲେ ମଧ୍ୟ ଆମେ ଆପଣଙ୍କ ପାଖକୁ ବିଶ୍ୱାସ' ନେଇ ଆସିଛୁ । ସେମାନଙ୍କ ମଧ୍ୟରୁ ଜଣେ ବୟସ୍କ ବ୍ୟକ୍ତି କୁନ୍ଦୁରୁ ମାଝୀ, ପାଖାପାଖି ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ହେବ, ସଭିଙ୍କି ତୁନି ରହିବା ପାଇଁ ଇସାରା କରି, କୁଇ' ଭାଷାରେ କହିବା ପରେ ସଭିଏଁ ତୁନି ରହିଲେ । ସେ ବାବୁଙ୍କୁ ଦେଖି ନେଇ କହିଲା, ଆମେ ଲୋକପ୍ରତିନିଧିମାନଙ୍କ ପାଖକୁ ଯାଇ ଭେଟି କେତେ ଗୁହାରି କଲୁ । କିଏ ମଧ୍ୟ ଆମ ଦୁଃଖ ଦେଖିବା ପାଇଁ ଗଲେ ନାହିଁ । ଅଫିସରମାନଙ୍କ ପାଖକୁ ମଧ୍ୟ ଗଲୁ । ସେମାନେ ଗଲେ ମଧ୍ୟ ଆମର ଗୁହାରି ଶୁଣିଲେ ନାହିଁ । ପୁଲିସ ଅଫିସର ଆମକୁ ସଦାବେଳେ ଧମକ ଦେଉଛି, ଘରଦ୍ୱାର ଛାଡ଼ି ଅନ୍ୟତ୍ର ଚାଲିଯିବା ପାଇଁ କହୁଛି । ପରେଶ ବାବୁ ଦ୍ୱନ୍ଦ୍ୱରେ ପଡ଼ି ଯାଇଥାନ୍ତି । ଲୋକପ୍ରତିନିଧି ତଥା ପ୍ରଶାସନ ଯେଉଁ ସମସ୍ୟାର ସମାଧାନ କରିପାରୁ ନାହାନ୍ତି, ସେଠି ଯାଇ କ'ଣ କରିପାରିବି ? କିପରି ସେମାନଙ୍କ ମନର ଦୁଃଖ ଲାଘବ କରିପାରିବି ? ଏହିଭଳି ଦ୍ୱନ୍ଦ୍ୱ ତାଙ୍କ ମନରେ ଦେଖା ଦେଇଥାଏ । କୁନ୍ଦୁରୁ ମାଝୀ, ମନରେ ଦମ୍ଭ ରଖି ପୁଣି କହିଲା, ୧୯୭୭ ମସିହାରେ, ଇନ୍ଦ୍ରାବତୀ ନଦୀର ପାଣି ଘେରରେ ଆମ ଗାଁ ସୂର୍ଯ୍ୟଗଡ଼ର' ୧୮ ଜଣ ଲୋକ ଭୋକ ଉପବାସରେ ଦୀର୍ଘଦିନ ପାଣି ଘେରରେ ରହି ମୃତ୍ୟୁବରଣ କଲେ । ଆପଣ ଆମ ଦୁଃଖ ଜାଣି ଦୀର୍ଘ ୨୬ କିଲୋମିଟର ଚାଲି, ଡଙ୍ଗାରେ ଇନ୍ଦ୍ରବାତୀ ନଦୀ ପାର ହୋଇ ପାହାଡ଼ ଚଢ଼ି ସୂର୍ଯ୍ୟଗଡ଼ରେ ପହଞ୍ଚିଥିଲେ । ସେତେବେଳେ ଆମେ ଛୋଟ ଛୁଆ ଥିଲୁ । ଆମକୁ ବିସ୍କୁଟ ଖାଇବାକୁ ଦେଇଥିଲେ । ଆମେ ତାକୁ ଭୁଲିପାରି ନାହୁଁ । ଆମ ବାପ, ଅଜା ଗୋଟି ଗୋଟି ଆମକୁ ଛାଡ଼ି ଚାଲିଗଲେଣି । ସେମାନେ ତାଙ୍କ ମରିବା ଆଗରୁ ଆମକୁ କହି ଯାଇଛନ୍ତି, ପରେଶ ବାବୁ ଲୋକପ୍ରତିନିଧି ଥାଆନ୍ତୁ, ଅବା ନ ଥାଆନ୍ତୁ, ତଥାପି ତୁମର ଦୁଃଖ ସମୟରେ ତାଙ୍କ ପାଖରେ ପହଞ୍ଚିଲେ ସେ ନିଶ୍ଚେ ତୁମ ପାଖରେ ପହଞ୍ଚି ତୁମମାନଙ୍କୁ ସାନ୍ତ୍ୱନା ଦେବେ । ସେହି ଭରସାରେ ଆମେ ଏତେ ଦୂରରୁ ଧାଇଁ ଆସିଛୁ ।ସଭିଏଁ ପୁଣି ଏକସ୍ୱରରେ କହି ଉଠିଲେ, ହଁ, ହଁ ଆମେ ସେହି ଭରସାରେ ଆମ ଦୁଃଖ ଦେଖିବା ପାଇଁ ଆପଣଙ୍କ ପାଖକୁ ଆସିଛୁ । ସେମାନଙ୍କ ମନର ବେଦନା ପରେଶ ବାବୁ ଅନୁଭବ କରୁଥିଲେ । କେତେ ଦିନର ଘଟଣା କାଲି ଭଳି ଲାଗୁଛି... । ଅତୀତର କଥାଗୁଡ଼ିକ ମର୍ମଭେଦୀ, ମନେ ପଡ଼ିଲେ ଦୁଃଖ ଲାଗେ... । ସେ ବିହ୍ୱଳ ହୋଇପଡ଼ିଲେ, ଆବେଗରେ ଉଦ୍ବେଳିତ ହୋଇପଡ଼ିଲେ । ପ୍ରକୃତରେ ଅତୀତର ଦୁଃଖ ହେଉ ଅବା ସୁଖ ହେଉ ଭୁଲି ହୁଏନା... । ତେଣୁ ପରା କୁହାଯାଇଛି, "ସ୍ମୃତିତ କେବେ ହେଁ ନୁହେଁ ଭୁଲିବାର । ଭୁଲି ପାରିଲେ ସେ ଲଭନ୍ତା ନିସ୍ତାର" । ଏମିତି କେତେ ଭାବନା ତାଙ୍କର ମନରେ ଖେଳିଯାଉଥାଏ । ଜଙ୍ଗଲ ପରିବେଶ । ଏଠି କେବଳ ଜୋର ଯାହାର ମୁଲକ ତାହାର । ଲଢ଼େଇ କରିପାରିଲେ ଯାଇ ତିଷ୍ଠି ରହିପାରିବ । ସେହି ସଂଘର୍ଷରେ ଆଜି ସେମାନେ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି । କାହାଠି କେତେ ଶକ୍ତି ଅଛି, ସେହି ସଂଘର୍ଷ ଲାଗି ରହିଛି ଏହି ପୃଥିବୀ ପୃଷ୍ଠରେ । ସେମାନଙ୍କ କଥା ଶୁଣି ତାଙ୍କ ହୃଦୟରେ ଆଲୋଡ଼ନ ସୃଷ୍ଟି ହେଲା । ଏମାନେ ବହୁ ଦୂରରୁ ଏତେ ବଡ଼ ବିଶ୍ୱାସ' ନେଇ ପାଖକୁ ଆସିଛନ୍ତି । ନ ଯିବେ ଅବା କେମିତି ? କିଛି କରି ନ ପାରିଲେ ମଧ୍ୟ ସେ ତାଙ୍କ ଦୁଃଖରେ ସମଭାଗୀ ତ ହୋଇପାରିବେ । ସମବେଦନା ଜଣାଇ ପାରିବେ । ଏହିଭଳି ଭାବନା ତାଙ୍କ ମନରେ ସୃଷ୍ଟି ହେଲା । ବିଶ୍ୱାସ' ହେଉଛି ସବୁଠୁ ମୂଳ ମନ୍ତ୍ର । ସେହି ବିଶ୍ୱାସକୁ ବଞ୍ଚାଇବାକୁ ହେବ । ମୋତେ ଯିବାକୁ ହେବ । ଏହିଭଳି ଭାବନାରେ ପରେଶ ବାବୁଙ୍କ ହୃଦୟ ବିଚଳିତ ହୋଇ ଉଠିଲା । ସେମାନଙ୍କଠୁ ତାଙ୍କ ଦୁଃଖ କାହାଣୀ ଶୁଣିଲେ, କମ୍ପାନୀ କିଛି ଆର୍ଥିକ ସାହାଯ୍ୟ ଦେଇ ଦେବାପରେ ଲୋକେ ଘରଦ୍ୱାର ଛାଡ଼ି ଚାଲିଗଲେ ସେ ତା'ର ଖଣି ଖନନ କରିବ । ବାରୁଦବ୍ଲାଷ୍ଟ କରିବା ପାଇଁ ଗାତ ଖୋଳିଲାଣି । ଆମେ ଆମ ଭିଟାମାଟି ଛାଡ଼ି ଯାଇପାରିବୁ ନାହିଁ । ମରିବୁ ପଛେ ମାଟି ମା'କୁ ଛାଡ଼ି ଯାଇପାରିବୁ ନାହିଁ । ହାଇକୋର୍ଟରୁ ମଧ୍ୟ ଷ୍ଟେ' ଅର୍ଡ଼ର ଆଣିଛୁ । ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ହୋଇଛି । ତଥାପି କମ୍ପାନୀର ଜୁଲମ ବନ୍ଦ ହେଉ ନାହିଁ । ସେମାନଙ୍କ ଜୀବନ ଦୁର୍ବିଷହ ହୋଇଉଠିଛି । ପୁଲିସ ମଧ୍ୟ ବାର ବାର ଆସି ଆମକୁ ଧମକ ଦେଉଛି, ଘରଛାଡ଼ି ଚାଲିଯିବା ପାଇଁ । କଥାଗୁଡିକ ଶୁଣି ତାଙ୍କୁ ମନେ ହେଲା, ତାଙ୍କ ଅନ୍ତରରେ ତୀକ୍ଷ୍ଣ ଛୁରୀ ଗଳିଗଲା ଭଳି । ସମସ୍ତ ଘଟଣା ଜାଣି, କାଗଜପତ୍ର ଦେଖି ସେ ତାଙ୍କ ମନକୁ ଦୃଢ଼ ନିଶ୍ଚିତ କଲେ । ଏଭଳି ଦୁଃଖ ସମୟରେ ସେ ନିଶ୍ଚେ ତାଙ୍କ ପାଖରେ ଛିଡ଼ା ହେବେ । ସବୁ ଦେଖି ଆସିବେ । ଏହି ଭରସା ଦେଇ ଆଗାମୀ ଶୁକ୍ରବାର ଦିନ ଦିବା ୧୧ ଘଣ୍ଟା ସୁଦ୍ଧା ତାଙ୍କ ଗ୍ରାମରେ ପହଞ୍ଚିବେ । ଏତକ ବିଶ୍ୱାସ ଦେଇ ସେମାନଙ୍କୁ ବିଦାୟ ଦେଲେ ।ସୂର୍ଯ୍ୟଗଡ଼ରୁ ଆସିଥିବା ଆଦିବାସୀମାନେ ବିଦାୟ ନେଇଗଲେଣି । ମାତ୍ର ପରେଶ ବାବୁଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରି ଚାଲିଯାଇଛନ୍ତି । ତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଲା ଜମି, ଜଳ, ଜଙ୍ଗଲ ଧ୍ୱଂସ କରି କ'ଣ ଆମେ ପ୍ରଗତିକୁ ତ୍ୱରାନ୍ୱିତ କରିପାରିବା ? ମଣିଷ ଜୀବନର ଗତି ଏକ ଅମାନିଆ ନଈର ଗତିଭଳି । କେତେବେଳେ କେଉଁ ଦିଗକୁ ବୋହିଯିବ କହିହେବ ନାହିଁ । ମଣିଷ ମନର ଦୁଃଖ ପାଉଁଶ ତଳରେ ଲୁଚି ରହିଥିବା ନିଆଁଭଳି । ସମୟ ପାଇଲେ ପୁଣି ଉଙ୍କି ମାରିଥାଏ । ପାଉଁଶ ଭିତରେ ଲୁଚି ରହିଥିଲେ ସହଜରେ ଦେଖା ଦିଏ ନାହିଁ । ଠିକ୍ ସେହିଭଳି ଆଦିବାସୀମାନଙ୍କ ମନରେ କୋହ, ବେଦନା ହୃଦୟର ନିଭୃତ କୋଣରେ ଛପି ରହିଥିଲେ ମଧ୍ୟ ସମୟ ସୁଯୋଗ ପାଇଲେ ଆତ୍ମପ୍ରକାଶ କରିଥାଏ । ଯାହା ସେ ସ୍ପଷ୍ଟ ଭାବରେ ଆଦିବାସୀମାନଙ୍କଠି ଦେଖିବାକୁ ପାଇଲେ । କଳାହାଣ୍ଡି, କନ୍ଧମାଳ ପ୍ରଭୃତି ଅଞ୍ଚଳରେ କୁଇ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରନ୍ତି । ସେମାନଙ୍କ ଭାଷା ମଧ୍ୟ କୁଇ । କଳାହାଣ୍ଡିରେ ଏମାନେ କୁଟିଆ କନ୍ଧ ନାମରେ ପରିଚିତ । ଏମାନଙ୍କ ସାମାଜିକ ଚାଲିଚଳଣି ନିଆରା । ଯୁଗ ଯୁଗ ଧରି ଏମାନେ ପ୍ରକୃତି କୋଳରେ ଲାଳିତ ପାଳିତ ହୋଇ ଆସିଛନ୍ତି । ତେଣୁ ଏମାନେ ପ୍ରାକୃତିକ ପରିବେଶରୁ ସହଜରେ ଦୂରେଇ ରହି ପାରନ୍ତି ନାହିଁ । ପ୍ରାକୃତିକ ପରିବେଶରୁ ସେମାନଙ୍କୁ ବଞ୍ଚିତ କରିବାକୁ ଉଦ୍ୟମ ହେଲେ ସେମାନେ ତା'ର ଦୃଢ଼ ବିରୋଧ କରନ୍ତି । କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଅପର ପାର୍ଶ୍ୱ ରାୟଗଡ଼ା ବ୍ଲକର 'ନିୟମଗିରି' ସୁରକ୍ଷା ପାଇଁ ସେମାନେ ସଂଗ୍ରାମ ଜାରି ରଖି ସେମାନେ ତାଙ୍କ ହକ୍ ଆଦାୟ କରିପାରିଛନ୍ତି । ଯାହା ଆଜି ସମଗ୍ର ବିଶ୍ୱରେ, ଜନସାଧାରଣ 'ନିୟମଗିରି' ଅଞ୍ଚଳର ଆଦିବାସୀମାନଙ୍କ ସଂଗ୍ରାମକୁ ଦେଖି ଚକିତ ହୋଇ ଯାଇଛନ୍ତି । ଆଦିବାସୀ ସଂପ୍ରଦାୟର ଲୋକମାନେ ଯୁଗଯୁଗ ଧରି ଚଳି ଆସୁଥିବା ପରମ୍ପରା ସଂସ୍କୃତିକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହଁନ୍ତି । ପରେଶ ବାବୁଙ୍କ ମନରେ ଅସମାଧିତ ବହୁ ପ୍ରଶ୍ନ ଦେଖାଦେଇଛି । ତାଙ୍କ ମୁହଁରେ ଉଜ୍ଜ୍ୱଳତା ଭରି ରହିଛି । ମନେ ହୁଏ ବାର୍ଦ୍ଧକ୍ୟ ଏବେ ମଧ୍ୟ ତାଙ୍କୁ ସ୍ପର୍ଶ କରିପାରି ନାହିଁ । ସଦା ଚଳଚଞ୍ଚଳ । ତାଙ୍କ ମୁହଁରେ ଗଭୀର ଚିନ୍ତା ପରିସ୍ଫୁଟ ହେଉଛି ।ଶୁକ୍ରବାର ... ପରେଶ ବାବୁ ତାଙ୍କ ବନ୍ଧୁମାନଙ୍କ ସହିତ ସୂର୍ଯ୍ୟଗଡ଼ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଗାଡ଼ିରେ ବସିଥିବା ବନ୍ଧୁମାନେ ସୂର୍ଯ୍ୟଗଡ଼ ଦେଖି ନାହାନ୍ତି । ସମସ୍ତଙ୍କ ମନରେ କୌତୂହଳ ଭାବ ଭରି ରହିଥାଏ । ଗାଡ଼ି ଦ୍ରୁତ ଗତିରେ କିଛି ଦୂର ଗଲାପରେ ଆଗକୁ ଘାଟି ଚଢ଼ି ଧୀର ମନ୍ଥର ଗତିରେ ଆଗେଇ ଚାଲିଥାଏ । ସେହି ପାର୍ବତ୍ୟ ଅଞ୍ଚଳର ଶାନ୍ତ, ସବୁଜ ବନାନୀ, ଉଚ୍ଚନୀଚ ପାହାଡ଼ରେ ଭରପୂର ବୃକ୍ଷରାଜି ପ୍ରାଚୀର ଭଳି ଘେରି ରହିଥାଏ । ପାହାଡ଼ ଓ ଜଙ୍ଗଲର ପ୍ରାକୃତିକ ଶୋଭା ସହ ଝରଣାର ସମଧୁର କୁଳୁକୁଳୁ ନାଦ ଏବେ ବି ସ୍ୱପ୍ନ ଭଳି ମନେ ହେଉଥାଏ । ମନଲୋଭା ପ୍ରାକୃତିକ ଶୋଭାକୁ ଆଖି ପୂରାଇ ଦେଖି ନେଉଥାନ୍ତି । ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଆମ୍ବଗଛର ବଉଳର ସୁରଭି ସହ ଅସଂଖ୍ୟ ଅଜଣା ଅରଣ୍ୟ ଫୁଲର ମହକରେ ତାଙ୍କ ମନ ଚଳଚଞ୍ଚଳ ହୋଇ ଉଠୁଥାଏ । ଅତୀତର ବହୁ ଘଟଣା ତାଙ୍କ ମନରେ ନାଚି ଉଠୁଥାଏ । ଦିନ ଥିଲା ଏହି ରାସ୍ତାରେ ବାଘ ନିର୍ଭୟରେ ଯାତାୟାତ କରୁଥିଲା । ଅତୀତର ଘଟଣା ତାଙ୍କ ମନକୁ ଆଚ୍ଛନ୍ନ କରି ରଖିଥାଏ । ବାଘ ଭୟରେ ଲୋକେ ଏକୁଟିଆ ରାସ୍ତାରେ ଯିବାକୁ ଭୟ କରୁଥିଲେ । ତେଣୁ ଦଳ ଦଳ ହୋଇ ଟାଙ୍ଗି, ଟାଙ୍ଗିଆ, ଧନୁଶର ଧରି ଯାତାୟାତ କରୁଥିଲେ । ସେତେବେଳେ ପରେଶ ବାବୁ ପାଦରେ ଚାଲି ଚାଲି ଦୀର୍ଘ ପଥ ଅତିକ୍ରମ କରି ସାଙ୍ଗସାଥୀଙ୍କ ମେଳରେ ସୂର୍ଯ୍ୟଗଡ଼ ଯାଇଥିଲେ । ବେଙ୍ଗେର' ଗ୍ରାମର ଗାଁ ମୁଖିଆଙ୍କ ପରାମର୍ଶରେ ସାଥିରେ ଦୁଇଜଣ ବଣୁଆ, ଟାଙ୍ଗି, ଟାଙ୍ଗିଆ ଧରି ସେମାନଙ୍କ ସୁରକ୍ଷା ପାଇଁ ଯାଇଥିଲେ । ହାତରେ ପାଳବେଣ୍ଟରେ ନିଆଁ ଲଗାଇ ବେଣ୍ଟ ଧରି ଆଗରେ ଚାଲିଥାନ୍ତି । ନିଆଁ ଦେଖିଲେ ଭାଲୁ' ପାଖକୁ ଆସିବା ପାଇଁ ସାହସ କରି ନ ଥାଏ । ସୂର୍ଯ୍ୟାସ୍ତ ପୂର୍ବରୁ ଦିନ ଆଲୁଅ ଥାଉଁ ଥାଉଁ, ମହୁଲପାଟଣାରେ ପହଞ୍ଚି ରାତ୍ର ଯାପନ କରି ତା'ର ପରଦିନ ଡଙ୍ଗାରେ' ଇନ୍ଦ୍ରାବଦୀ ନଦୀ ପାର ହୋଇ ପାହାଡ଼ ଚଢ଼ି ସୂର୍ଯ୍ୟଗଡ଼ରେ ପହଞ୍ଚିଥିଲେ । ଏହିଭଳି ଗଭୀର ଚିନ୍ତାରେ ପରେଶ ବାବୁ ମଗ୍ନ ଥାନ୍ତି । ତାଙ୍କର ମନର ଗତି ଆଲୋକର ଗତିଠୁ ମଧ୍ୟ ଅଧିକ ଥାଏ । ହଠାତ୍ ଗାଡ଼ିର ଗତି ବନ୍ଦ ହୋଇଯିବା ଯୋଗୁଁ ସେ ତାଙ୍କ କଳ୍ପନା ରାଇଜରୁ ଫେରିଆସି ବାସ୍ତବତା ଭିତରକୁ ଆସିଗଲେ । ଗାଡ଼ିର ଗତି ସ୍ଥିର ହେବାଯୋଗୁଁ ତାଙ୍କ ଚିନ୍ତାରେ ମଧ୍ୟ ବାଧା ଦେଖାଦେଲା । ସମ୍ମୁଖରେ ଦୁଇଜଣ ସିକ୍ୟୁରିଟି ଗାର୍ଡ଼, ହାତରେ ବନ୍ଧୁକ ଧରି ଗାଡ଼ିକୁ ଅଟକାଇ ରଖିଥାନ୍ତି । ଆଗରେ କମ୍ପାନୀର ଗେଟ୍ ସଦର୍ପେ ଛିଡ଼ା ହୋଇ ରହିଛି । କିଛିକ୍ଷଣ ସେମାନଙ୍କୁ ଅନାଇ ଗାଡ଼ିରେ ବସିଥିବା ବନ୍ଧୁମାନେ ଚଟାପଟ୍ ଓହ୍ଲାଇ କ'ଣ ପାଇଁ ଗାଡ଼ିକୁ ଅଟକାଇଲେ ତାହା ଜାଣିବା ପାଇଁ ପ୍ରଶ୍ନ କରୁଥାନ୍ତି । କମ୍ପାନୀର ଅନୁମତି ନ ଥିଲେ ଭିତରକୁ ଯାଇ ପାରିବେ ନାହିଁ । ଗାର୍ଡ଼ ଉତ୍ତର ଦେଲା । ପରେଶ ବାବୁ କଥାଟା ଶୁଣି ଆଶ୍ଚର୍ଯ୍ୟ ହୋଇ ଗାଡ଼ିରୁ ଓହ୍ଲାଇ ପ୍ରଶ୍ନ କଲେ ଆମେତ ଜାଣି ନାହୁଁ, ପାସ୍ ଦରକାର ବୋଲି । ଯଦି ପାସ୍ ଆବଶ୍ୟକ ତମେ ଆମ ନା' ଟିପି ନେଇ ଅଫିସକୁ ଫୋନ୍ କରି ଜଣାଅ । ଆମେ ସୂର୍ଯ୍ୟଗଡ଼ ଯିବା ପାଇଁ ଆସିଛୁ । ଗାର୍ଡ଼ ଆମକୁ ଦେଖିନେଇ, ଆମ ପରିଚୟ ଟିପିନେଇ ପୁଣି କହିଲା, ଆପଣଙ୍କୁ ଅଧଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ । ଫୋନ୍ରେ ଅଫିସକୁ ଆପଣମାନଙ୍କ ନାମ ଠିକଣା ଜଣାଇ ଦେଉଛି । ଠିକ୍ ଅଛି ଆମେ ଅଧଘଣ୍ଟା ଏଠି ଅପେକ୍ଷା କରୁଛୁ । ଖରା ଟାଏଁ ଟାଏଁ ପଡୁଛି । ତହିଁରେ ପୁଣି କମ୍ପାନୀର ଅସଂଖ୍ୟ ଟ୍ରକ୍ ଘର୍ଘର ନାଦକରି ଧୂଳି ଉଡ଼ାଇ ଗୋଟିଏ ପରେ ଗୋଟିଏ ବକ୍ସାଇଟ ବୋହି 'କାଶୀପୁର' ଅଭିମୁଖେ ଆଗେଇ ଯାଉଛି । ଧୂଳିରେ ବାୟୁମଣ୍ଡଳ ଦୂଷିତ ହୋଇଯାଉଛି । ଖରାଧାସରୁ ଏବଂ ଧୂଳିରୁ ରକ୍ଷା ପାଇବା ପାଇଁ ଗାଡ଼ିରେ ବସି' ଏସି ଲଗାଇ ଅପେକ୍ଷା କଲୁ ପାସ୍ ପାଇଁ । ପରେଶ ବାବୁ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କୁ ଅନାଇ ରହିଲେ । ତାଙ୍କୁ ବୁଝିବାକୁ ବାକି ରହିଲା ନାହିଁ । କମ୍ପାନୀର ସିକ୍ୟୁରିଟିଗାର୍ଡ଼ ପର୍ମିସନ୍ ମାଗିବା ବାହାନାରେ ପୁଲିସକୁ ଜଣାଇ ତୁରନ୍ତ ଆସିବା ପାଇଁ କହିବା ଫଳରେ, ସେମାନେ କିଛି ନ ଜାଣି କିଛି ନ ବୁଝି, ଆମକୁ ସତେ ଯେପରି 'ସନ୍ତ୍ରାସବାଦୀମାନେ' କମ୍ପାନୀ ଭିତରକୁ ବଳାତ୍କାରରେ ଧସେଇ ପଶି ଆସିଛନ୍ତି ସେପରି ମନେକରି ବନ୍ଧୁକ ଦେଖାଇ ଭିଡ଼ିଓ ନେବାରେ ଲାଗିଯାଇଥାନ୍ତି ।

ରାସବିହାରୀ ବେହେରା
ଭବାନୀପାଟଣା, କଳାହାଣ୍ଡି
ମୋ.- ୯୪୩୭୪୪୬୫୧୧




# ରାଉରକେଲା ହନୁମାନ ଆଖଡା ଶୋଭାଯାତ୍ରା



**ରାଉରକେଲା(ଏନ୍.ଏମ୍.) :** ଚଳିତ ବର୍ଷ ମାର୍ଚ୍ଚ ୨୭ ତାରିଖରେ ଶ୍ରୀ ରାମନବମୀ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ, ରାଉରକେଲା ସହରର ବିଭିନ୍ନ ପୂଜା ମଣ୍ଡପରେ ଶ୍ରୀ ହନୁମାନଙ୍କ ସହ ଶ୍ରୀରାମଙ୍କ ପୂଜା ଅନୁଷ୍ଠିତ ହୋଇଛି । ଏହାପରେ ଶ୍ରୀ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ମୁଖ୍ୟ ରାସ୍ତାରେ ଆୟୋଜିତ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଆଜି ରାଉରକେଲା ପୋଲିସ ମୁଖ୍ୟାଳୟରେ ସମସ୍ତ ଆଖଡା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଉରକେଲା ସହରର ବିଭିନ୍ନ ହନୁମାନ ଆଖଡା କମିଟିର କର୍ମକର୍ତ୍ତାମାନଙ୍କ ସହ ରାଉରକେଲା ଶାନ୍ତି କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ମୁଖ୍ୟଅତିଥି ଭାବରେ ପଶ୍ଚିମାଞ୍ଚଳ ରେଞ୍ଜ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ପୋଲିସ ଥାନାର ଭାରପ୍ରାପ୍ତ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ । ରାମନବମୀ ଉପଲକ୍ଷେ ହନୁମାନ ଆଖଡା ଶୋଭାଯାତ୍ରା ରାଜଗାଙ୍ଗପୁର ସହରରେ ମାର୍ଚ୍ଚ ୨୭ ତାରିଖ ଦିନ ଅନୁଷ୍ଠିତହୋଇଥିବାବେଳେ ରାଉରକେଲା ସହରରେ ହନୁମାନ ଆଖଡା ଶୋଭାଯାତ୍ରା ମାର୍ଚ୍ଚ ୨୮ ତାରିଖ ଶନିବାର ଦିନ ଅନୁଷ୍ଠିତହୋଇଛି । ମାର୍ଚ୍ଚ ୨୮ ତାରିଖ ଶନିବାର ଅପରାହ୍ନ ୧ଟା ଠାରୁ ଶ୍ରୀ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ମେନ୍ ରୋଡରେ ଆରମ୍ଭ ହୋଇ ରାତି ୮ଟାରେ ଶେଷ ହୋଇଥିଲା । ଏଥିସହିତ ଶୋଭାଯାତ୍ରାରେ ଡିଜେକୁ ବାରଣ କରାଯାଇଥିଲା । ଏହା ପରିବର୍ତ୍ତେ ସାଉଣ୍ଡ ବକ୍ସ ବାଜୁଥିବା ଦେଖିବାକୁ ମିଳିଥିଲା । ଶୋଭାଯାତ୍ରା ସମୟରେ ମଦମୁକ୍ତ ଶୋଭାଯାତ୍ରା ହୋଇଥିଲା । ଏହି ଅବସରରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ତାଙ୍କ ବକ୍ତବ୍ୟରେ ଉପଦେଶ ଛଳରେ କହିଥିଲେ ଯେ, ତ୍ରେତୟା ଯୁଗର ଶ୍ରୀରାମ ଥିଲେ ମର୍ଯ୍ୟାଦା ପୁରୁଷ । ସେହି ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଭକ୍ତ ଥିଲେ ଶ୍ରୀ ହନୁମାନ । ତେଣୁ ଶ୍ରୀ ହନୁମାନଙ୍କ ଆଖଡା ଶୋଭାଯାତ୍ରା ସମୟରେ କୌଣସି ବିଶୃଙ୍ଖଳା ତଥା ବିଶୃଙ୍ଖଳିତ ଆଚରଣ ନକରିବାକୁ ହନୁମାନ ଆଖଡା କମିଟିର କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ । ହନୁମାନ ଆଖଡା ଶୋଭାଯାତ୍ରା ସମୟରେ ରାଉରକେଲା ପୋଲିସ୍ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏଥିସହିତ ବିଦ୍ୟୁତ, ଆଲୋକ ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ରାଉରକେଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି ।

# ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କ ସହ ସୌଜନ୍ୟ ସାକ୍ଷାତ କଲେ ଆଇସିଏସଡବ୍ଲ୍ୟୁର ଜାତୀୟ ଅଧକ୍ଷ ସୁବୀର ପାଳ

**ଭୁବନେଶ୍ୱର(ଏନ୍.ଏମ୍.) :** ଆଇସିଏସଡବ୍ଲ୍ୟୁଇ, ନୂଆ ଦିଲ୍ଲୀର ଜାତୀୟ ଅଧକ୍ଷ ସୁବୀର ପାଳ ଓଡିଶାର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହ ଦେବଙ୍କ ସହ ଶିଷ୍ଟାଚାର ଭେଟ କରିଛନ୍ତି । ଏହି ଅବସରରେ ତାଙ୍କ ସହ ଜାତୀୟ ମହାସଚିବ ଶ୍ରୀମତୀ ହେମା ଏକ୍କା ଏବଂ ଆଇସିସିଏସଡବ୍ଲ୍ୟୁଇ (ମହିଳା ପ୍ରକୋଷ୍ଠ), ଓଡିଶାର ରାଜ୍ୟ ଅଧକ୍ଷ ଶ୍ରୀମତୀ ବିଚିତ୍ରା ରଥ ମଧ ଉପସ୍ଥିତ ଥିଲେ । ସାମାଜିକ କଲ୍ୟାଣ, ମହିଳା ସଶକ୍ତିକରଣ, ସାମୁଦାୟିକ ଉନ୍ନତି ଓ ସମାଜ ହିତ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ପ୍ରତିନିଧିମଣ୍ଡଳ ଦ୍ୱାରା ସଂଗଠନର କାର୍ଯ୍ୟକଳାପ, ବିଶେଷତଃ ମହିଳା, ଯୁବ ଏବଂ ବଞ୍ଚିତ ଶ୍ରେଣୀଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ଓ ଭବିଷ୍ୟତ ପରିକଳ୍ପନା ବିଷୟରେ ସୂଚନା ଦିଆଯାଇଥିଲା । ଏହି ଶିଷ୍ଟାଚାର ଭେଟକୁ ସାମାଜିକ ସଂଗଠନ ଓ ଜନପ୍ରତିନିଧିମାନଙ୍କ ମଧରେ ସମନ୍ୱୟ, ସହଯୋଗ ଓ ଜନକଲ୍ୟାଣ ପ୍ରତି ସାଧାରଣ ପ୍ରତିବଦ୍ଧତାର ପ୍ରତୀକ ଭାବେ ଦେଖାଯାଉଛି ।



ସଂଗଠନର ପଦାଧିକାରୀମାନେ ଆଶା ବ୍ୟକ୍ତ କରିଥିଲେ ଯେ, ଏପରି ସଂଳାପ ଓ ସହଯୋଗ ଦ୍ୱାରା ସମାଜର ବିଭିନ୍ନ ଶ୍ରେଣୀଙ୍କ କଲ୍ୟାଣ ପାଇଁ ଅଧିକ ପ୍ରଭାବଶାଳୀ କାମ କରାଯିବ ।

# ବିଦାୟୀ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



**ରାଇରଙ୍ଗପୁର(ଏନ୍.ଏମ୍.) :** ବାମନଘାଟୀ ଉପଖଣ୍ଡର ବିଦାୟୀ ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ଗତକାଲି ଉପଖଣ୍ଡ ପ୍ରଶାସନ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ଚଳିତ ମାର୍ଚ୍ଚ ୩୧ ତାରିଖରେ ସରକାରୀ ଚାକିରୀରୁ ଅବସର ନେବାକୁ ଥିବା ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଉଭୟ ପ୍ରଶାସନିକ ଅଧିକାରୀଙ୍କ ପାଇଁ ଏକ ବିଦକ୍ଷୟୀ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଏହି ବିଦାୟକାଳୀନ ସଭାରେ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରା ସ୍ୱାଗତ ଭାଷଣ ଦେବା ସହ ଉପଜିଲ୍ଲାପାଳଙ୍କୁ ଏକ ଦକ୍ଷ ପ୍ରଶାସକ ଭାବେ ଅଭିହିତ କରିବା ସହ ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ ଓ ଉତ୍ତମ ମଣିଷ ବୋଲି କହିଥିଲେ ଏବଂ ନୂତନ କାର୍ଯ୍ୟ ସ୍ଥଳୀରେ ତାଙ୍କ କାର୍ଯ୍ୟ ଦକ୍ଷତାର ଉପାଦେୟତା ବଜାୟ ରହୁ ବୋଲି ଆଶା ପୋଷଣ କରି ଶୁଭେଚ୍ଛା ଜଣାଇଥିଲେ । ସେହିପରି ଚଳିତ ମାସରେ ଅବସର ନେବାକୁ ଯାଉଥିବା ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, କାର୍ଯ୍ୟ କ୍ଷେତ୍ରରେ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଠିକ ମାର୍ଗ ଦର୍ଶନ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହାପରେ ଅତିରିକ୍ତ ଜିଲ୍ଲାପାଳ ବିଦାୟୀ ଉପଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟ କାଳୀନ ଶୁଭେଚ୍ଛା ଜଣାଇ ଥିଲେ । ପ୍ରକାଶ ଥାଉକି ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଶ୍ରୀ ପ୍ରଧାନ ବାମନଘାଟୀ ଉପଖଣ୍ଡର ଉପଜିଲ୍ଲାପାଳ ଭାବେ ତା. ୧୩-୦୯-୨୦୨୪ରେ ଯୋଗ ଦେଇଥିଲେ ଏବଂ ରାଇରଙ୍ଗପୁର ଠାରେ ତାଙ୍କ କାର୍ଯ୍ୟକାଳ ସମୟରେ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛନ୍ତି, ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏଠାରୁ ବଦଳି ହୋଇ କଳାହାଣ୍ଡି ଜିଲ୍ଲା ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟକରିବେ । ସେହିପରି ୬ ଅଗଷ୍ଟ ୨୦୨୫ରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗଦାନ କରିଥିବା ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀ ସୁଚାରୁ କୁମାର ବଳଙ୍କୁ ପୁଷ୍ପଗୁଚ୍ଛ ଦେଇ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ତାଙ୍କର ଅବସର ପରବର୍ତ୍ତୀ ସମୟ ସୁସ୍ଥ, ନିରାମୟ ତଥା ଦୀର୍ଘ ଜୀବନ କାମନା କରାଯାଇଥିଲା । ସଭାରେ ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପରିସ୍ତ ଦୁଇ ପ୍ରଶାସନିକ ଅଧିକାରୀଙ୍କ ସହିତ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟ କରିବା ସମୟର ନିଜ ନିଜର ଅନୁଭୂତି ବାଣ୍ଟି ଥିଲେ । ଉଭୟ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସରକାରୀ କାର୍ଯ୍ୟରେ ନିଜର ଦାୟିତ୍ୱ ନିଷ୍ଠାର ସହିତ ସୁଚାରୁ ରୂପେ ସମ୍ପାଦନ ପାଇଁ ଶିକ୍ଷଣୀୟ ପରାମର୍ଶମାନ ଦେଇଥିଲେ । ଭାବ ବିନିମୟ ଜରିଆରେ ବିଦାୟ କାଳୀନ ସଭାଟି କିଛି ମୁହୂର୍ତ୍ତ ପାଇଁ ଭାବାବେଗ ପୂର୍ଣ୍ଣ ହୋଇଉଠିଥିଲା । ଏହି ସଭାରେ ବିଭିନ୍ନ ବିଭାଗର ଉପଖଣ୍ଡ ସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭଗୀୟ ପଦାଧିକାରୀ ଓ କର୍ମଚାରୀମାନେ ବିଦାୟୀ ଅଧିକାରୀ ଦ୍ୱୟଙ୍କୁ ସମ୍ମାନଭରା ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ।

# ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସଚେତନତା

**ଗୋପ, କୋଣାର୍କ(ଏନ୍.ଏମ୍.) :** ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଜଙ୍ଗଲ ସମ୍ପଦ ତଥା ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସଚେତନତା ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ବୁଧ ବାର ଦୁଇଦିନ ବ୍ୟାପି ପୁରୀ ବନଖଣ୍ଡଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ବନାଞ୍ଚଳ ତରଫରୁ ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ବନପାଳ କାର୍ତୀକେଶ୍ୱର ମୁଣ୍ଡା, ରାକେଶ ପତି, ପ୍ରତୀକ୍ଷା ପରିଡା ଓ ଶ୍ରଦ୍ଧାଞ୍ଜଳି ପ୍ରଧାନ ବନରକ୍ଷୀଙ୍କ ସହିତ ପ୍ରୋଟେକେସନ ସ୍କାର୍ଡର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ବାଲୁଖଣ୍ଡ—କୋଣାର୍କ ବନାଞ୍ଚଳରେ ନିଆଁ ନଲାଗିବା ତଥା ଅଭୟାରଣ୍ୟ ସୁରକ୍ଷ ନିନ୍ତେ ସଚେତନ କରାଯାଉଛି । କିଛି ସ୍କୁଲ ଓ ନିକଟସ୍ଥ ଜଙ୍ଗଲ ସନ୍ନିକଟ ଗ୍ରାମଗୁଡିକରେ ପ୍ରଚାର ମାଧମରେ ସଚେତନ କରାଯାଇଥିବା ଦେଖିବାକୁ ମିଳିଛି । କୋଣାର୍କ ଅଭୟାରଣ୍ୟରେ ବିରଳ କୃଷ୍ଣସାର ମୃଗ ବସବାସ କରୁଥିବାରୁ , ଏହାର ସୁରକ୍ଷା ପାଇଁ ମଧ ପ୍ରଚାର ମାଧମରେ ସଚେତନ କରାଯିବା ସହ ଏହି ନିରୀହ ଜନ୍ତୁର ବଂଶ ବୃଦ୍ଧି କରାଇ ଅଭୟାରଣ୍ୟର ଶ୍ରୀ ବୃଦ୍ଧି କରିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ନିବେଦନ କରାଯାଇଛି । ଏହି ଅବସରରେ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା କୋଣାର୍କ ମେଡିକାଲ ଛକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ନିଆଁ କବଳରୁ ଜଙ୍ଗଲ ସମ୍ପଦକୁ ରକ୍ଷା କରିବା ସହ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଜନ୍ତୁ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ସଚେତନତା ପ୍ରଚାର ଗାଡ଼ି ବୁଲୁଥିବା ଦେଖିବାକୁ ମିଳିଥିଲା ।

# ଚିକିଟି ବିଜ୍ଞାପିତ ଅଞ୍ଚଳରେ ଜନଗଣନା ତାଲିମ୍ କାର୍ଯ୍ୟକ୍ରମ



**ଚିକିଟି(ଏନ୍.ଏମ୍.) :** ରାଜ୍ୟ ଜନଗଣନା କାର୍ଯ୍ୟକ୍ରମର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଚିକିଟି ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଜନଗଣନାକାରୀ ଏବଂ ସୁପରଭାଇଜରଙ୍କ ପ୍ରଶିକ୍ଷଣ ଶିବିର ଉଦଯାପନ କାର୍ଯ୍ୟକ୍ରମରେ ଚିକିଟି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ ଯୋଗଦେଇ ଉପସ୍ଥିତ ସମସ୍ତ ପରିଗଣନାକାରୀ ମାନଙ୍କୁ ଉତ୍ସାହିତ କରିବା ସହ ସଠିକ ରୂପେ ଗଣନାକାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ମହିମା ସୋରେନ ଓ ସୁନୀଲ କୁମାର ନାୟକ ତାଲିମ ପ୍ରଦାନ କରିଥିଲେ । ସ୍ୱ ଗଣନା ଏପ୍ରିଲ ୧ରୁ ୧୫ ଯାଏ ଆରମ୍ଭ ହେବାକୁ ଯାଉଥିବା ବେଳେ ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଶିକ୍ଷଣ ଶିବିରରେ ଆଲୋଚନା କରାଯାଇଥିଲା । ଏହି ଗୃହ ତାଲିକା ଏବଂଗୃହ ଗଣନା ନିମନ୍ତେ ୨୪ଜଣ ପରିଗଣନାକାରୀ ଏବଂ ୪ ଜଣ ସୁପରଭାଇଜରସଂହିତା ମହାନ୍ତି, ନରସିଂହ ପାଢ଼ୀ, ମଞ୍ଜୁଲତା ବେହେରା, କେଦାରନାଥ ରାଉଳଙ୍କୁ ନିୟୋଜିତ କରାଯାଇଛି । ସମସ୍ତ ଜନ ସଧାରଣଙ୍କୁ ଏହି ଜାତୀୟ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେକାର୍ଯ୍ୟନିବାହି ଅଧିକାରୀ ଅନୁରୋଧ କରିଛନ୍ତି ।

# ଭେଲିଡେସନ ଏକ୍ଟ ୨୦୨୫କୁ ପେନସନର୍ସଙ୍କ ପ୍ରତ୍ୟାହାର ଦାବି

**ଆସିକା(ଏନ୍.ଏମ୍.) :** ସର୍ବ ଭାରତୀୟ ରାଜ୍ୟ ପେନସନର୍ସ ଫେଡେରେସନ ଆହ୍ୱାନ କ୍ରମେ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଭେଲେଡେସନ ଏକ୍ଟ-୨୦୨୫ ପ୍ରତ୍ୟାହାର ଦାବିରେ ଏକ ପ୍ରତିବାଦ ସଭା ସଭାପତି ପୀତବାସ ମହାପାତ୍ରଙ୍କ ସଭାପତିତ୍ୱରେ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ପେନସନର୍ସ କଳା ବ୍ୟାଜ ପିନ୍ଧି ଯୋଗଦେଇଥିଲେ । ଜିଲ୍ଲା ଶାଖାର ଉପସଭାପତି ସୁବାଷ ଚନ୍ଦ୍ର ମିଶ୍ର ସଭାର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । ଉକ୍ତ ସଭାରେ ଗଞ୍ଜାମ ଶାଖାର ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ଆସିକା ଶାଖାର ସମ୍ପାଦକ ଉପେନ୍ଦ୍ର ନାୟକ, ଉପଦେଷ୍ଟା ଦେବହରି ମହାନ୍ତି, ମହେଶ୍ୱର ନାହାକ, ରାଜେଶ୍ୱର ପାତ୍ର, ନିରଞ୍ଜନ ନାୟକ, ପଞ୍ଚାନନ ସ୍ୱାଇଁ, ଲକ୍ଷ୍ମୀନାରାୟଣ ଯକ ପ୍ରମୁଖ, କାଶୀଶ୍ୱନାଥ ନାହାକ, ବିଶ୍ୱ ନାଥ ଲେଙ୍କା, କୁଶ ନାଇଡୁ, ପ୍ରଦୀପ କୁମାର ରାଉତ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ ଏହି ଏକ୍ଟ ଲୋକସଭାରେ ପାରିତ ଫଳରେ ଜାନୁଆରୀ ୨୬ ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନସନ ନିର୍ଦ୍ଧାରଣ କ୍ଷମତା ସରକାରଙ୍କ ହାତରେ ରହିବ । ନିଯୁକ୍ତି ତାରିଖକୁ ନେଇ ଭିନ୍ନ ଭିନ୍ନ ହାରରେ ପେନସନ ନିର୍ଦ୍ଧାରଣ କରିପାରିବେ । ପୁରୁଣା ପେନସନର୍ସ ଅଷ୍ଟମ ବେତନ କମିଶନ ସୁବିଧାରୁ ବଂଚିତ ହେବାର ଆଶଙ୍କା ରହିଛି । ଏଣୁ ଏହି ପେନସନ ବିରୋଧୀ ଭେଲିଡେସନ ଏକ୍ଟ ୨୫କୁ ବାତିଲ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେବା ସହ ଏହି କଳା ଆଇନକୁ ଚିରି ପୋଡିଦେଇଥିଲେ । ପୂର୍ବ ପରି ସମସ୍ତ ପେନସନର୍ସଙ୍କୁ ବେତନ କମିଶନ ଲାଗୁ କରିବା ପାଇଁ ତହସିଲଦାରଙ୍କ ଜରିଆରେ ଦାବି ପତ୍ର ପ୍ରଧାନମନ୍ତ୍ରୀ ନିକଟକୁ ପ୍ରେରଣ କରାଗଲା । ଅନ୍ୟ ମାନଙ୍କ ମଧରେ ବିଜୟ କୁମାର ଜେନା, ଲମ୍ବୋଦର ଦାସ, ଉମେଶ ନାୟକ, ଦିଲୀପ ପରିଡା, ଅରୁ ଚରଣ ପ୍ରଧାନ, ଲବ ନାଇଡୁ, ହରପ୍ରିୟା ଉପାଧ୍ୟାୟ, କୀର୍ତନ ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



# ଯାଜପୁର ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ମଣ୍ଡି ଖୋଲାଯାଇ ହେଡ଼କ୍ୱାର୍ଟରରେ ଚାଷୀଙ୍କ ଧାନ କିଣିବାକୁ ଦାବି




**ଯାଜପୁର ଟାଉନ(ଏନ୍.ଏମ୍.) :** ଯାଜପୁର ସହରର ଗଣେଶ ମଣ୍ଡପରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଧାନମଣ୍ଡିରେ ଅଭାବୀ ଧାନ ବିକ୍ରିକୁ ନେଇ ସମୟସୀମା ପୂର୍ବରୁ ଜିଲ୍ଲାର ସମସ୍ତ ଉତ୍ପାଦିତ ଧାନ କିଣିବା ପରିପ୍ରେକ୍ଷୀରେ ତଥା ଜିଲ୍ଲାପ୍ରଶାସନ ଓ ପୋଲିସ୍ ପ୍ରଶାସନଙ୍କ ଉଦ୍ଦେଶ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖରେ ଯାଜପୁର ଜିଲ୍ଲା ମହୋତ୍ସବ ମଞ୍ଚରେ ନବନିର୍ମାଣ କୃଷକ ସଂଗଠନର ପ୍ରତିବାଦ ସହ ଆଗାମୀ ଦିନରେ ଜିଲ୍ଲାପ୍ରଶାସନର ଚେଇଁ ଶୋଇବା ନୀତି ବିରୁଦ୍ଧରେ ଏହି ସାମ୍ବାଦିକ ସମ୍ମିଳନୀ ବୋଲି ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ କହିଛନ୍ତି । ଆହୁରି ଏ କଥା ମଧ କହିଛନ୍ତି ଯେ, ସେଦିନ ଯେଉଁ ଚାଷୀ ପ୍ରତିବାଦ କରିବାକୁ ଆସିଥିଲେ, ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ- ଚାଷିଙ୍କ ଧାନ ବିକ୍ରି କିପରି ସୁଗମ ହେବ । ମାତ୍ର ଆମେ ପ୍ରତିବାଦ କରି ଗିରଫ ହେଲୁ ଜାମିନରେ ଆସିଲୁ ମାତ୍ର ଧାନ କିଣା ବିଷୟରେ ଆମ ସହିତ କେହି ଆଲୋଚନା କଲେ ନାହିଁ । ଫଳତଃ ଧାନ ବସ୍ତା ଚାଷୀର ଘରେ ଏଯାବତ ପଡ଼ିରହିଛି । ଯେହେତୁ ମଣ୍ଡିର ସମୟ ଅବଧି ମାର୍ଚ୍ଚ ୩୧ ତାରିଖ ରହିଛି, ସରକାର ତା ପୂର୍ବରୁ ଧାନ ସବୁ କିଣିବା କଥା ,ମାତ୍ର କାହାର ଟୋକନ ସରିଯାଇଛି ତ, କାହାକୁ ଟୋକନ ମିଳିନାହିଁ । ତେଣୁ ଦୁଇ ତିନି ଦିନ ମଧରେ ଚାଷିର ସମସ୍ତ ଧାନ ବିକ୍ରୟ ନ ହେଲେ ଆସନ୍ତା ୩୦ ତାରିଖରେ ଜିଲ୍ଲାପାଳ ନିଜ ତତ୍ତ୍ୱାବଧାନରେ ହେଡ଼ କ୍ୱାଟରରେ ଏକ କେନ୍ଦ୍ରୀୟ ମଣ୍ଡି ଖୋଲି ସେହିଦିନ ସମସ୍ତ ବଳକା ଧାନ କିଣନ୍ତୁ ଏବଂ ଆମେ ମଧ ଧାନ ସାଥିରେ ଧରି ଆସିବୁ । ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାଶ କହିଛନ୍ତି କି, ପ୍ରଶାସନ ଚାଷିଙ୍କୁ ଗିରଫ କଲା ପରେ ବି ତାଙ୍କ ମନ ଶାନ୍ତ ହେଲା ନାହିଁ ଓଲଟା ଚକ୍ରାନ୍ତ କରି ମଣ୍ଡି ମାନଙ୍କରେ ୧୦ କେଜି କାଟ ସହ ଗାଡି ଭଡା ବାବଦକୁ ଟଙ୍କା ଆଦାୟ କରୁଛନ୍ତ । ମିଲର ପ୍ରଶାସନ ମଧୁଚନ୍ଦ୍ରିକାକୁ ଏଡାଇ ପାରୁନାହାନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ବରିଷ୍ଠ ନେତୃତ୍ୱ ମାଧବାନନ୍ଦ ଶାନ୍ତି , ଚୌଧୁରୀ ଜେନା, ପ୍ରଫୁଲ୍ଲ ନାୟକ, ଧନଞ୍ଜୟ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଅନିୟମିତତା ଘେରରେ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟ




**ଚଣ୍ଡିଖୋଲ(ଏନ୍.ଏମ୍.) :** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏ ଅଞ୍ଚଳର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ବେଶ୍ ଜଣାଶୁଣା ଓ ପ୍ରସିଦ୍ଧି ଲାଭ କରିଛି । ଏହି ବିଦ୍ୟାଳୟରେ ବର୍ତ୍ତମାନ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ତିନି ଶହ ତେପନ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଚଉଦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ଦରମାରେ ନିଯୁକ୍ତି ପାଇଛନ୍ତି । କିନ୍ତୁ ଦୁଃଖର ଓ ପରିତାପର ବିଷୟ ବିଦ୍ୟାଳୟ ବହୁ ସମସ୍ୟା ଭିତରେ ଗତି କରୁଛି । ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ଓ ମନୋମାଳିନ୍ୟ ପାଇଁ ପାଠ ପଢା ଏକ ପ୍ରକାର ଠପ୍ ହୋଇଯାଇଛି । ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ନିର୍ମଳ କୁମାର ଦଳାଇ ଅଛନ୍ତି, ଯାହାଙ୍କୁ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ମାନୁ ନାହାନ୍ତି । ଏହାର ପଛର ରହସ୍ୟ ହେଲା ଯେ, ସେ ସେହି ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ବହୁଦିନ ଧରି ରହି ସଠିକ୍ ଭାବରେ ନିଜର ଦାୟିତ୍ୱ ସମ୍ପାଦନ କରି ନ ଥିଲେ । ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପାରିବାପଣିଆ ଉପରେ ସନ୍ଦେହ ଓ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟକୁ ଆସୁନାହାଁନ୍ତି,ମନ ଇଚ୍ଛା ଆସୁଛନ୍ତି ଓ ଯାଉଛନ୍ତ । କିନ୍ତୁ ଉପସ୍ଥାନ ଖାତାରେ ସରକାରୀ ସମୟ ପକାଉଛନ୍ତି ବୋଲି ଗ୍ରାବାସୀମାନେ ଅଭିଯୋଗ କରୁଛନ୍ତି । କିଛି ଶିକ୍ଷକ ଛୁଟି ନେଲେ ମଧ୍ୟ ପରେ ଉପସ୍ଥାନ ଖାତାରେ ଦସ୍ତଖତ କରାଇବାକୁ ପ୍ରଧାନ ଶିକ୍ଷକ ଅନୁମତି ଦେଇଥିବାରୁ ଛୁଟି ବେଶ୍ ପ୍ରିୟପାତ୍ର ହୋଇପାରିଛନ୍ତି । ଛାତ୍ର ଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଅତି ନିମ୍ନମାନର ଦେଇ କିପରି କମ୍ ଛାତ୍ର ଛାତ୍ରୀ ଖାଇବେ ତା'ର ସୁଚିନ୍ତିତ ଯୋଜନା କରି ଯଥେଷ୍ଟ ଅଧିକ ଉପସ୍ଥାନ ଦେଇ ମୋଟା ଅଙ୍କର ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗ ହେଉଛି । ତେଣୁ ଅସଜଡ଼ା ଶିକ୍ଷା ଓ ଶୈକ୍ଷିକ ଭିତ୍ତିଭୂମିକୁ ସଜାଡ଼ିବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗ ତୁରନ୍ତ ଏକ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତ ଦେଇ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସନ୍ନ ବିପଦରୁ ଉଦ୍ଧାର କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।




## ଆଞ୍ଚଳିକ

### ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡିଶା ଅଗ୍ରଣୀ ରାଜ୍ୟ : ମୁଖ୍ୟମନ୍ତ୍ରୀ

# ନୂଆ ରୂପ ପାଇବ କଟକ ମହାନଦୀ ରିଭର ଫ୍ରଣ୍ଟ



**ଭୁବନେଶ୍ୱର(ଏନ୍.ଏମ୍.) :** ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ। ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ବିଶ୍ୱ ବନ ଦିବସ ପାଳନ କରୁଛୁ। ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଆଜି ଓଡିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି। ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତ ଅର୍ଥାତ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଚଳିତ ବର୍ଷ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଜଙ୍ଗଲ ସୁରକ୍ଷା ସହିତ ଆମେ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛୁ। ଜଙ୍ଗଲ ନିଆଁ ରୋକିବା ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ ଏବଂ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ।

ଠିକ୍ ସେହିପରି ନୂଆ ରୂପ ପାଇବ କଟକ ମହାନଦୀ ରିଭର ଫ୍ରଣ୍ଟ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କରିଛନ୍ତି। କଟକ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ ୨୧୦ କୋଟି ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପ ଅନ୍ତର୍ଗତ ୪୨୬ ଏକର ଅଞ୍ଚଳରେ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ କରାଯିବ। ଏହି ପ୍ରକଳ୍ପ ଜାତୀୟ ସ୍ତରର ଏକ ଆକର୍ଷଣୀୟ ପର୍ଯ୍ୟଟନ ପ୍ରକଳ୍ପ ଭାବରେ ବିକଶିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ସମୀକ୍ଷା କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ମହାନଦୀ ତଟର ସୌନ୍ଦର୍ଯ୍ୟକରଣ କରାଯିବ, ଯାହା ପର୍ଯ୍ୟଟନ ବିକାଶରେ ସହାୟକ ହେବ। ଏହା ସହ ପରିବେଶ ସଂରକ୍ଷଣ ଏବଂ ଆଧ୍ୟାତ୍ମିକ ପର୍ଯ୍ୟଟନର ବିକାଶ ମଧ୍ୟ ହେବ।

ଠିକ୍ ସେହିପରି କଳିଙ୍ଗ ଷ୍ଟାଡିୟମ ଠାରେ ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦାନ କରି ସମସ୍ତ ବିଜେତା ଓ ପ୍ରତିଯୋଗୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଭିତରେ ଥିବା ସେହି 'କେବେ ହାର୍ ନ ମାନିବା'ର ଜିଦ୍ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ପ୍ରେରଣା। ଶାରୀରିକ ସୀମାବଦ୍ଧତାକୁ ପଛରେ ପକାଇ ଆପଣମାନେ ଯେଉଁ ସଫଳତା ହାସଲ କରିଛନ୍ତି, ତାହା ପ୍ରମାଣ କରୁଛି ଯେ ଇଚ୍ଛାଶକ୍ତି ଆଗରେ ସବୁକିଛି ସମ୍ଭବ। ବିଶେଷ କରି ଓଡ଼ିଶାର ୪୦ ଜଣିଆ ଦଳର ଚମତ୍କାର ପ୍ରଦର୍ଶନ ପାଇଁ ମୁଁ ଗର୍ବିତ। ଆମର ଏହି ପାରା ଆଥଲେଟ ମାନେ ଆଗାମୀ ଦିନରେ ବିଶ୍ୱ ସ୍ତରରେ ଓଡ଼ିଶାର ନାମ ରଖିବେ ବୋଲି ମୋର ଦୃଢ଼ ବିଶ୍ୱାସ।



୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଉଦ୍‌ଯାପନୀ ସମାରୋହ

# ତୃଣମୂଳ ସ୍ୱାସ୍ଥ୍ୟର ପ୍ରଥମ ସମ୍ପର୍କ ସୂତ୍ର-ଆଶାକର୍ମୀଙ୍କୁ ପ୍ରୋତ୍ସାହିତ

**ନୟାଗଡ(ଏନ୍.ଏମ୍.) :** ନୟାଗଡ଼ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନରେ ଜିଲ୍ଲା ସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଉତ୍ସାହଭରା ପରିବେଶରେ ଅନୁଷ୍ଠିତ ହେଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଆଶା କର୍ମୀଙ୍କୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର "ପ୍ରଥମ ସମ୍ପର୍କ ସୂତ୍ର" ବୋଲି ବର୍ଣ୍ଣନା କରିବା ସହିତ ପ୍ରତ୍ୟେକ ଘର ସହ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରି ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବାକୁ ଆଶାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଆଶା କର୍ମୀଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଡାକ୍ତରମାନଙ୍କୁ ସେ "ବିଭାଗର ମସ୍ତିଷ୍କ" ବୋଲି କହି, ନିଜ ଦାୟିତ୍ୱକୁ ସଠିକ୍ ଭାବରେ ପୂରଣ କରିବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୁଷ୍ପା ନୀଳିମା ଲାକ୍ରା ନୟାଗଡରେ ୯୬୬ ଜଣ ଆଶା ୬୪ଟି ସ୍ବିକୃତ କାର୍ଯ୍ୟରେ ନିୟୋଜିତ ହୋଇଥିବା କଥା ସୁଚାଇ ଦେଇଥିଲେ। ସେମାନେ ନିଜ ଜୀବନକୁ ବିପଦରେ ପକାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ ଚନ୍ଦ୍ର ବାନାର୍ଜୀ ଆଶା କାର୍ଯ୍ୟକ୍ରମର ବିବର୍ତ୍ତନ ଉପରେ ଆଲୋକପାତ କରିବା ସହିତ ଆଶା କର୍ମୀମାନେ ବର୍ତ୍ତମାନ ମ୍ୟାଲେରିଆ ନିୟନ୍ତ୍ରଣ, ଫାଇଲେରିଆ ମୁକ୍ତି, ମାତୃ ମୃତ୍ୟୁହାର ଓ ଶିଶୁମୃତ୍ୟୁ ହ୍ରାସ ଭଳି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମରେ ସମ୍ପୃକ୍ତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା-ଶିଶୁ ବିକାଶ ବିଭାଗ ମଧ୍ୟରେ ସମନ୍ୱୟକୁ ଆହୁରି ମଜବୁତ କରିବାର ପରାମର୍ଶ ଦେଇଥିଲେ। ସେ ପିଲାମାନଙ୍କ ମଧ୍ୟରେ ମୋବାଇଲର ଅତ୍ୟଧିକ ବ୍ୟବହାର ଯୋଗୁଁ ବଢୁଥିବା ଏକାକୀପଣ ଓ ମାନସିକ ସମସ୍ୟା ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଏହି ସମ୍ମିଳନୀରେ ମାତୃ ମୃତ୍ୟୁହାରକୁ ଶୂନ୍ୟ କରିବା ପାଇଁ ଗର୍ଭବତୀ ମହିଳାମାନଙ୍କର ନିୟମିତ ଫଲୋଅପ୍, ଭ୍ରୂଣହତ୍ୟା ବିରୋଧରେ ଗ୍ରାମ ସ୍ତରରେ ସଚେତନତା, ଟିକାକରଣ ଓ ଟିବି କ୍ୟାମ୍ପେନକୁ ସଫଳତାର ସହ କାର୍ଯ୍ୟକାରୀ କରିବା, ସ୍ୱାସ୍ଥ୍ୟ ସୂଚକାଙ୍କରେ ଜିଲ୍ଲାକୁ ଏକ ନମ୍ବର ସ୍ଥାନରେ ପହଞ୍ଚାଇବା ପାଇଁ ସାମୂହିକ ପ୍ରୟାସ କରିବାର ଆହ୍ୱାନ ଦିଆଯାଇଥିଲା।

ପ୍ରତି ବ୍ଲକରୁ ଗୋଟିଏ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତିକୁ ପୁରସ୍କାର ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା ଓ ବ୍ଲକ ସ୍ତରୀୟ ଶ୍ରେଷ୍ଠ ଆଶା ଓ ମହିଳା ଆରୋଗ୍ୟ ସମିତିମାନଙ୍କୁ ମଧ୍ୟ ପୁରସ୍କାର ଓ ଅର୍ଥରାଶି ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ ସୁବିଧାକୁ କାୟାକଳ୍ପ ପୁରସ୍କାର ଅର୍ଥରାଶି ବିତରଣ କରାଯାଇଥିଲା। ପରିଶେଷରେ ଆଶାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ଭିତ୍ତିକ ସ୍ୱାସ୍ଥ୍ୟ ସଚେତନଧର୍ମୀ ବାର୍ତ୍ତା ପରିବେଷଣ କରାଯାଇଥିଲା।




### ଆଲୋକୀ କରଣରୁ ବଞ୍ଚିତ ହୋଇଛି ପରଜଙ୍ଗ ବ୍ଲକର ମୁଖ୍ୟ ରାସ୍ତା

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଆଖି ବୁଜି ବସିଛି

ପରଜଙ୍ଗ(ଏନ୍.ଏମ୍.) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରଜଙ୍ଗ ବଜାର ଠାରୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଆଲୋକି କରଣ ହୋଇନଥିବା ଯୋଗୁଁ ସାଧାରଣରେ ଲୋକେ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂଧ୍ୟା ସମୟରେ ଅନ୍ଧାର ହେବାରୁ ଚୋର, ଗୁଣ୍ଡା ମାନଙ୍କର ଅଧିକ ପ୍ରାଦୁର୍ଭାବ ବଢ଼ି ଚାଲିଛି। ସିସି ଟିଭି କ୍ୟାମେରାର କୌଣସି ସୁବିଧା ନ ଥିବା ବେଳେ ରୋଗୀ ଓ ସମ୍ପର୍କୀୟ ମାନେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଧ୍ୟା ହେଲେ ଆସିବାକୁ ଭୟ କରୁଛନ୍ତି। କେବଳ ସେତିକି ନୁହେଁ ଅଟୋରିକ୍ସା ବାଲା ମଧ୍ୟ ରୋଗୀ ଆଣିବାକୁ ମଙ୍ଗୁନି। ଅନ୍ଧାରର ଫାଇଦାଠାଇ ଚୋର ତସ୍କର ଗୋରୁ , ଗାଈ ଚୋରି କରି ନେଉଛନ୍ତି। ଏନେଇ ବଜାର ଛକ ଠାରୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର , ବ୍ଲକ ଅଫିସ ପର୍ଯ୍ୟନ୍ତ ଆଲୋକି କରଣ କରିବା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ପାଖରେ ଦାବି ରଖିଛନ୍ତି। ବଜାର ଛକ ଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଆଲୋକ ବ୍ୟବସ୍ଥା ନାହିଁ।

## ବୁଥସ୍ତରୀୟ ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ଏସ.ଆଇ.ଆର ସମ୍ପର୍କ ଭିତ୍ତିକ କର୍ମଶାଳା



**ବଡମ୍ବା(ଏନ୍.ଏମ୍.) :** କଟକ ଜିଲ୍ଲା ବଡମ୍ବା ପଂଚାୟତରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ପରିଚାଳନା ନିମନ୍ତେ ବୁଥସ୍ତରୀୟ ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ଏସଆଇଆର ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରରେ ବଡମ୍ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ଦାସ ଏବଂ ବଡମ୍ବା ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ସମ୍ପୂର୍ଣ୍ଣ ମାର୍ଗଦର୍ଶନରେ ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲାର ବଡମ୍ବା ବ୍ଲକ ଅନ୍ତର୍ଗତ ୧୩୬ ଜଣ ବୁଥ ସ୍ତରୀୟ ଅଧିକାରୀ ଓ ୧୩ ଜଣ ପର୍ଯ୍ୟବେକ୍ଷକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର) କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଗାମୀ ଏପ୍ରିଲ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୂର୍ବରୁ ୨୦୦୨ ମସିହାରେ ହୋଇଥିବା ବେଳେ ଏହା ପୁନର୍ବାର ୨୦୨୬ ମସିହାରେ ହେବାକୁ ଯାଉଅଛି। ଏହି ସଂଶୋଧନ କାର୍ଯ୍ୟକ୍ରମରେ ନିଜ ଅଂଚଳରେ ଥିବା ସ୍ଥାନୀୟ ଭୋଟରଙ୍କ ନାମ ରହିବା ସହିତ ଆମ ରାଜ୍ୟ ବାହାରୁ ଚାଲି ଆସିଥିବା ଭୋଟରଙ୍କୁ(ବିଶେଷ କରି ଯେଉଁମାନେ ଅନୁପ୍ରବେଶ କାରୀ)ନାମ କିପରି ବାଦ ହେବା ସହ ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ହେବ ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବଡମ୍ବା ବ୍ଲକ ଭାରପ୍ରାପ୍ତ ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ସାହୁ,ବଡମ୍ବା ତହସିଲର ବରିଷ୍ଠ ରାଜସ୍ୱ ସହାୟକ ଶଙ୍କର ବାସ୍କେ ପ୍ରଭୃତି ସହଯୋଗ କରିଥିଲେ। ଶେଷରେ ବୁଥ ସ୍ତରୀୟ ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରଶାସନର ପ୍ରସ୍ତୁତି ବୈଠକ



**ସୁନ୍ଦରଗଡ଼(ଏନ୍.ଏମ୍.) :** ସ୍ଥାନୀୟ ସଦଭାବନା ଭବନଠାରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଷ୍ପତି ଅନୁଯାୟୀ ଓଡିଶା ଦିବସ ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଭାତଫେରିରେ ଭାଗ ନେବେ। ସକାଳୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ଏବଂ ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ମାନଙ୍କରେ ପ୍ରଶାସନ ପକ୍ଷରୁ ତଥା ସ୍ଥାନୀୟ ଅନୁଷ୍ଠାନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ,ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକରେ ସାଜସଜ୍ଜା କରାଯିବ। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଏକ ସାଧାରଣ ସଭା ଆୟୋଜିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶା ଦିବସ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ।

### ହାଇଡ୍ରୋସିଲ ରୋଗୀଙ୍କ ନିମନ୍ତେ ଅସ୍ତ୍ରୋପଚାର ଶିବିର

## ୧୫ ଜଣ ହାଇଡ୍ରୋସିଲ ରୋଗୀଙ୍କୁ ମାଗଣାରେ ଚିକିତ୍ସା



**ରାଇରଙ୍ଗପୁର (ଏନ୍.ଏମ୍.) :** ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ମୟୂରଭଞ୍ଜ ଲେପ୍ରା ସୋସାଇଟିଙ୍କ ମିଳିତ ସହଯୋଗରେ ଫାଇଲେରିଆ ରୋଗର ନିରାକରଣ ଅଭିଯାନ ପରିପ୍ରେକ୍ଷୀରେ ହାଇଡ୍ରୋସିଲ (ଅଣ୍ଡକୋଷ ବୃଦ୍ଧି )ରୋଗୀ ମାନଙ୍କ ପାଇଁ ଏକ ଜିଲ୍ଲା ସ୍ତରୀୟ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ବିଜୟ କୁମାର ଦାଶ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ା. ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡ଼ା. ସତ୍ୟପ୍ରକାଶ ଧଳ, ଡ଼ା. ଚିନ୍ମୟ କୁମାର ଦଳେଇ,ଆନାସ୍ଥେସିଆ ବିଶେଷଜ୍ଞ ଡ଼ା. ସତ୍ୟଜିତ ପଣ୍ଡା,ମେଡିକାଲ ଅଫିସର ଡ଼ା ଦେବେନ୍ଦ୍ର ନାଥ ଟୁଡୁଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୫ ଜଣ ହାଇଡ୍ରୋସିଲ ରୋଗୀଙ୍କୁ ମାଗଣାରେ ସଫଳତା ପୂର୍ବକ ଅସ୍ତ୍ରୋପଚାର କରାଯାଇଅଛି। ଏହି ସ୍ୱାସ୍ଥ୍ୟ ଶିବିରରକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ଆଞ୍ଚଳିକ ସଂଯୋଜକ ଡାକ୍ତର ନିଶିଥ ରଞ୍ଜନ ଦାସ ପରିଦର୍ଶନରେ ଆସି ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥି ସହିତ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଲେପ୍ରା ସୋସାଇଟିର ପ୍ରକଳ୍ପ ଅଧିକାରୀ ପ୍ରହଲ୍ଲାଦ ମଙ୍ଗରାଜ, ହସ୍ପିଟାଲ ପରିଚାଳକ ଆଲୋକ କୁମାର ଗୋଛାୟତ,ନର୍ସିଂ ଅଫିସର ସବିତା ଷଡଙ୍ଗୀ, ଲେପ୍ରା ସୋସାଇଟିର ଶ୍ରୀମତୀ ସୁକୁମତି ହେମ୍ବ୍ରମ, ଶ୍ରୀମତୀ ଅମ୍ବୁ ବତୀ ଦଳାଇ, ପରିଚାରକ ପବିତ୍ର ବେହେରା,ଦିଲୀପ କୁମାର ବେହେରା,ସରସ୍ୱତୀ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

## ସବୁ ବିଭାଗକୁ ଦାୟିତ୍ୱ ଦେଲେ ଜିଲ୍ଲାପାଳ

**ବାରିପଦା(ଏନ୍.ଏମ୍.) :** ପବିତ୍ର ରଥଯାତ୍ରା ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ବାରିପଦାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଅଛି। ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ସୟ୍ ଚଳିତ ବର୍ଷ ରଥଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ କରିବା ସହ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଯୋଗାଡ କରିବାକୁ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୟରେ ସଭାରେ ରଥଯାତ୍ରା ସମୟରେ ଶୃଙ୍ଖଳାବଦ୍ଧ ବ୍ୟବସ୍ଥା ପାଇଁ ପୁଲିସ ବ୍ୟବସ୍ଥାକୁ ସୁଦୃଢ କରିବା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥାପନା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ତଥ୍ୟାଧାରିତ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆପାତକାଳୀନ ଚିକିତ୍ସା ସେବା, ଆମ୍ବୁଲାନ୍ସ ବ୍ୟବସ୍ଥା, ମେଡିକାଲ ଟିମ୍ ମୁତୟନ ଓ ଆବଶ୍ୟକ ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବାକୁ କହାଯାଇଥିଲା। ଜଳ ଯୋଗାଣ, ପାନୀୟ ଜଳର ଗୁଣବତ୍ତା ଓ ସାନିଟେସନ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଅଛି। ବିଦ୍ୟୁତ ବିଭାଗକୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଆଲୋକୀକରଣ ବ୍ୟବସ୍ଥା ଓ ଆପତ୍କାଳୀନ ସ୍ଥିତି ପାଇଁ ବିକଳ୍ପ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପୌରସଂସ୍ଥା ପକ୍ଷରୁ ସଫେଇ, ଅଳିଆ ପରିଚାଳନା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ଓ ସାର୍ବଜନୀନ ସ୍ୱଚ୍ଛତା ଉପରେ ଜୋର ଦିଆଯାଇଥିଲା। ଅଗ୍ନିଶମ ବିଭାଗକୁ ଆଗ୍ନିକାଣ୍ଡ ପ୍ରତିରୋଧ ଓ ଆପାତକାଳୀନ ସହାୟତା ପାଇଁ ପ୍ରସ୍ତୁତ ରହିବାକୁ କହାଯାଇଥିଲା। ଯାତ୍ରା ସମୟରେ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ରଥଯାତ୍ରା ସମ୍ପର୍କିତ ପାରମ୍ପରିକ ଆଚାର-ବିଚାର ସୁଚାରୁଭାବେ ପାଳନ ପାଇଁ ମନ୍ଦିର ପରିଚାଳନା କମିଟି ସହ ସମନ୍ୱୟ କରିବାକୁ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବା, ତୃଣମୂଳ ସ୍ତରରେ ନିରୀକ୍ଷଣ ବଢ଼ାଇବା ଓ ଭକ୍ତମାନଙ୍କ ପାଇଁ ସୁରକ୍ଷିତ ଓ ସୁବିଧାଜନକ ପରିବେଶ ସୁନିଶ୍ଚିତ କରିବାକୁ ଆହ୍ୱାନ କରିଥିଲେ। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ,ଈଶ୍ୱର ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଡେପୁଟି ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ୍, ବାରିପଦା ମ୍ୟୁନିସିପାଲଟି ଅଧ୍ୟକ୍ଷ ବାଦଲ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା କିଶୋର ଚନ୍ଦ୍ର ଆଚାର୍ଯ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀଗଣ , ସେବାୟତ, ରଥ କାରିଗର, ଓ ବିଭିନ୍ନ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ।



## ସରବାହାଲର ଚାଷୀମାନଙ୍କୁ ସଶକ୍ତ କରିବ ବିଜିଆର ଓ ମିନାକ୍ଷୀ କୋଇଲା ଖଣି




**ରାଉରକେଲା (ଏନ୍.ଏମ୍.) :** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ସରବାହାଲ ଗ୍ରାମ ଠାରେ ବିଜିଆର କମ୍ପାନୀ ଓ ମିନାକ୍ଷୀ କୋଇଲା ଖଣି ପକ୍ଷରୁ ବୁଧବାର ଦିନ ୨ଟି ବୋର ୱେଲ ଖୋଲାଯାଇଛି। ଏହା ସହ ଗ୍ରାମ ବାସୀଙ୍କୁ ବିଭିନ୍ନ ପନିପରିବା ଚାଷ କରିବା ପାଇଁ ମଞ୍ଜି ସହିତ କୃଷି ଉପକରଣ ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ, କୃଷକ ମାନେ ବିଲରୁ ଯେଉଁ ପନିପରିବା ଅମଳ କରିବେ ସବୁ ଅମଳକୁ ବିଜିଆର କମ୍ପାନୀ କ୍ରୟ କରିବ। ଏହି ପ୍ରୟାସରେ ଗ୍ରାମବାସୀ ଉପକୃତ ହେବା ସହ ସ୍ୱାବଲମ୍ବୀ ହୋଇ ରୋଜଗାର କ୍ଷମ ହେବେ। ଏହି ଅବସରରେ ହିଣ୍ଡାଲକୋର ଭିପି ମୁକେଶ ଝା,ବିଜିଆର ସିଇଓ ସିଏଚ୍ ଭାନୁ,ସାନଘୁମୁଡା ସରପଞ୍ଚ ରେବତୀ ଛତ୍ରୀଆ ତଥା ବିଜିଆର ଓ ହିଣ୍ଡାଲକୋ କମ୍ପାନୀ ସମସ୍ତ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ସମ୍ବଲପୁରର ସୁଜାତା ...

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ଓମ୍ ପ୍ରକାଶ ଏବଂ ଫଂଜାବର ମୋହାଲିର ଆଞ୍ଚଲ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଉପାୟ ପରାମର୍ଶ ଦେଇ ଥିଲା ବେଳେ ହରିୟାଣାର ଯମୁନାନଗର ନିବାସୀ ପ୍ରଥମ ବରାର ଏକ ସବୁଜ ଏବଂ ସ୍ୱଚ୍ଛ ଭାରତ ହେଉଛି ଏକ ସମୃଦ୍ଧ ଭାରତର ପଥ ବୋଲି ବାର୍ତ୍ତା ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଅନୁଗୋଳକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ...

ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ମୁଖ୍ୟ ଲକ୍ଷ୍ୟ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା, କିନ୍ତୁ ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହୋଇଛି। ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍ ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍‌ର ମଜା ନେଇପାରିବେ। ଏହି ସୁବିଧା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବ। ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ 'ଇକୋ ଲଜ୍' ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ। ଏହି ସାଧୁ ଉଦ୍ୟମ ପାଇଁ ସେ ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗକୁ ସାଧୁବାଦ ଜଣାଇଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ 'ନାଗରିକ ସମ୍ବର୍ଦ୍ଧନା ସଭା'ରେ ଯୋଗ ଦେଇଥିଲେ। ସେଠାରେ ଉପସ୍ଥିତ ଜନସାଧାରଣଙ୍କ ସ୍ନେହ ଓ ଶ୍ରଦ୍ଧା ପାଇଁ କୃତଜ୍ଞତା ଜଣାଇ ସେ କହିଥିଲେ ଯେ, ଆମ ସରକାରର ମୂଳ ମନ୍ତ୍ର ହେଉଛି ଗରିବ କଲ୍ୟାଣ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଭତ୍ତା ପର୍ଯ୍ୟନ୍ତ, ପ୍ରତିଟି ସରକାରୀ ସୁବିଧା ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଞ୍ଚିବ, ସେଥିପାଇଁ ଆମେ ପ୍ରତିବଦ୍ଧ। ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ। ଠିକ୍ ସେହିପରି ଛେଣ୍ଡିପଦା ଠାରେ ନୂତନ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ କହିଲେ ଯେ, 'ଡବଲ ଇଞ୍ଜିନ' ସରକାରର ବିକାଶମୂଳକ ଓ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମୁଁ ସ୍ୱାଗତ କରୁଛି। ଆପଣମାନଙ୍କ ଏହି ଯୋଗଦାନ ଛେଣ୍ଡିପଦା ଅଞ୍ଚଳରେ ଦଳର ସଂଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ବିଶ୍ୱାସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତାଙ୍କର 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ମନ୍ତ୍ର ଆଜି କୋଟି କୋଟି ଭାରତୀୟଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଛି। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି 'ଅନ୍ତ୍ୟୋଦୟ', ଅର୍ଥାତ୍ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା। ପ୍ରତ୍ୟେକ ସରକାରୀ ଯୋଜନାକୁ ସବୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ନିଷ୍ଠାର ସହ ଦାୟିତ୍ୱ ନେବା। ତେବେ ଏହି କାର୍ଯ୍ୟକ୍ରମଟି ଛେଣ୍ଡିପଦାର ଲୋକପ୍ରିୟ ବିଧାୟକ ଅଗସ୍ତି ବେହେରାଙ୍କ ତତ୍ତ୍ୱାବଧାନରେ ସୁଷ୍ଠୁ ସମ୍ପୂର୍ଣ୍ଣ ହୋଇଥିଲା।

## ଗ୍ରହଶାନ୍ତି ପାଇଁ ସ୍ତ୍ରୀଙ୍କୁ ବିଧବା ...

ସଜାଇ ବିବାହ ହେବା ସହ ସାହିଭାଇଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯାଉଛି। ଏଭଳି କଲେ ଗ୍ରହଦୋଷ କଟିଯାଏ ବୋଲି ମୁଣ୍ଡା ସଂପ୍ରଦାୟରେ ବିଶ୍ୱାସ ରହିଛି। ସୂଚନା ଅନୁଯାୟୀ, ଗଁଦିଆ ବ୍ଲକ୍ ବେଗା ପଞ୍ଚାୟତ ନେହେଙ୍ଗରା ଗାଁରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ମୁଣ୍ଡା ପରିବାର ବସବାସ କରୁଛନ୍ତି। ସେହି ଅଞ୍ଚଳର ନରେନ୍ଦ୍ର ଶୁଣ୍ଡି ଆଜି ଫୋନ୍ ମାଧ୍ୟମରେ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ କହିଲେ ଯେ ତାଙ୍କ ଗାଁର ଜଟିଆ ମୁଣ୍ଡା ଅନ୍ୟ ଏକ ଗାଁରେ କାମ କରୁଥିବା ବେଳେ ଛାତରୁ ପଡ଼ି ଗୁରୁତର ହୋଇଥିଲେ। ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଶ୍ରୀ ନନ୍ଦ ତାଙ୍କର ଜଣେ ସହଯୋଗୀ ଟଙ୍କଧର ବାରିକଙ୍କୁ ତୁରନ୍ତ ସେହି ଗାଁକୁ ଯାଇ ସହଯୋଗ କରିବାକୁ କହିଥିଲେ। ଶ୍ରୀ ବାରିକ ସଂପୃକ୍ତ ଗାଁକୁ ଯାଇ ବୁଝିବାରୁ ଯାହା ତଥ୍ୟ ପାଇଲେ ସେଥିରେ ସେ ଆଚମ୍ବିତ ହୋଇଥିଲେ। ଘଟଣାଟି ଥିଲା ଏପରି। ଜଟିଆ ମରିନାହିଁ, ଜାତିପ୍ରଥା ଅନୁଯାୟୀ, ସେ ମରିଛି ବୋଲି ମିଛ ଖବର ପ୍ରଚାର କରାଯାଇଥିଲା। ଏହାପରେ ସ୍ତ୍ରୀଙ୍କର ଶଙ୍ଖା ସିନ୍ଦୂର ବାହାର କରି ତାଙ୍କୁ ବିଧବା କରାଯିବ। ରୀତିନୀତି ଅନୁଯାୟୀ, ଶୁଦ୍ଧିକ୍ରିୟା ସାରି ଭୋଜିଭାତ ଦିଆଯିବ। ପରେ ସେ ବଞ୍ଚିଥିବା ଖବର ପ୍ରଚାର କରାଯାଇ ପୁଣି ସ୍ତ୍ରୀକୁ ସଧବା ବେଶରେ ସଜାଇ ଦ୍ୱିତୀୟ ଥର ବିବାହ କରି ସାହିଭାଇଙ୍କୁ ଭୋଜିଭାତ ଦେଲେ ଗ୍ରହଦୋଷ କଟିଯିବ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ଏପରି ମୃତ୍ୟୁ ନାଟକ ରଚାଯାଇଥିବା ଖୋଦ୍ ଜଟିଆ ମଧ୍ୟ ନିଜେ ପୁଣି ଫୋନ୍ କରି ତାଙ୍କୁ ଜଣାଇଥିଲା। ଏଭଳି ଅନ୍ଧବିଶ୍ୱାସର ପ୍ରଥା ଆଜି ବି ତାଙ୍କ ନିର୍ବାଚନମଣ୍ଡଳୀରେ ଚାଲିଥିବା ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି। ଆଧୁନିକ ଯୁଗରେ ଆଦିବାସୀଙ୍କ ଉତ୍ଥାନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ସେମାନଙ୍କର ଶିକ୍ଷାଠାରୁ ଆରମ୍ଭ କରି ରୀତିନୀତି, ଚାଲିଚଳନରେ ଉନ୍ନତି ଅଣାଯିବା ସହ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରଚେଷ୍ଟା ଜାରି ରହିଛି। ଏପରି ସମୟରେ ନାଟକ କରି ନିଜ ସ୍ତ୍ରୀକୁ ବିଧବା କରାଇବା ଏବଂ ପରେ ସାହିଭାଇଙ୍କୁ ଭୋଜିଭାତରେ ଆପ୍ୟାୟିତ କରି ସେହି ସ୍ତ୍ରୀକୁ ପୁନଃବିବାହ କଲେ ଗ୍ରହଦୋଷ କଟିଯିବା ଭଳି ଅନ୍ଧବିଶ୍ୱାସ ତଥା କୁପ୍ରଥା କିଭଳି କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସିନାହିଁ, ତାହା ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି।

## ଓଏଚ୍‌ଆରସି ଅଧ୍ୟକ୍ଷ ଭାବେ ନିଯୁକ୍ତି ...

ପୁଣି ସେ ୨୦୧୮, ନଭେମ୍ବର ୧୯ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଯୋଗ ଦେଇଥିଲେ। ୧୯୬୦, ସେପ୍ଟେମ୍ବର ୨୪ରେ ସୋନପୁର ଜିଲ୍ଲା ସୁବଳୟା ଗ୍ରାମରେ ଜନ୍ମିତ ଜଷ୍ଟିସ ପୂଜାହାରୀ ୧୯୭୮ରେ ସୋନପୁରସ୍ଥିତ ସୁବଳୟା ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ କରିଥିଲେ। ବଲାଙ୍ଗୀରର ରାଜେନ୍ଦ୍ର କଲେଜରୁ ୧୯୮୩ ମସିହାରେ ରାଜନୀତି ବିଜ୍ଞାନ ସମ୍ମାନ ରଖି ସ୍ନାତକ ଡିଗ୍ରି ସେ ହାସଲ କରିଥିଲେ। ୧୯୮୬ରେ ସମ୍ବଲପୁରସ୍ଥିତ ଲାଲା ଲଜପତ ରାୟ ଆଇନ ମହାବିଦ୍ୟାଳୟରୁ ସେ ଏଲଏଲବି ପାସ୍ କରିଥିଲେ। ୧୯୮୭ରେ ଆଇନଜୀବୀ ପେସାରେ ସେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ସୁପିରିୟର ଜୁଡିସିଆଲ ସର୍ଭିସ(ସିନିୟର ବ୍ରାଞ୍ଚ) ପରୀକ୍ଷାରେ ସଫଳତା ହାସଲ କରି ସେ ୨୦୦୩, ଫେବୃୟାରି ୭ରେ ବ୍ରହ୍ମପୁରର ଦ୍ୱିତୀୟ ଅତିରିକ୍ତ ଜିଲା ଦେ ?ରା ଜଜ୍ ଭାବେ ଯୋଗଦେଇଥିଲେ। ଏହାପରେ ଜୟପୁର, ବ୍ରହ୍ମପୁର, ପୁରୀ, କଟକରେ ଜିଲ୍ଲା ଓ ଦୌରାଜଜ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶା ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲର ଅଧ୍ୟକ୍ଷ, ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଓ ରାଜ୍ୟ ଆଇନ ବିଭାଗର ସେ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିବା ପରେ ୨୦୧୩, ନଭେମ୍ବର ୨୯ରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୨୨, ନଭେମ୍ବର ୨୩ରେ ହାଇକୋର୍ଟର ବିଚାରପତି ପଦରୁ ଜଷ୍ଟିସ ପୂଜାହାରୀ ଅବସର ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ମାନବାଧିକାର କମିସନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିଲା। ଗତ ଫେବୃଆରି ମାସରେ କମିସନ ଅଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ପୁଣି ତାଙ୍କୁ ଦ୍ୱିତୀୟ ଥର ପାଇଁ କମିସନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

## ବଢ଼ିବନି ବିଧାୟକଙ୍କ ଦରମା ...

ଗୁଣା ବୃଦ୍ଧି ହୋଇ ବିଧାୟକମାନଙ୍କ ଦରମା ସାଢେ ୩ ଲକ୍ଷ ହୋଇଥିଲା । ଯାହାକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଥିଲା। ବିଧାୟକଙ୍କୁ ୨୦ ହଜାରର ବିଜୁଳି ବିଲ୍, ୧୫ ହଜାରର ଟେଲିଫୋନ ବିଲ୍ ଆଉ ବହି ଖର୍ଚ୍ଚ ବାବଦକୁ ୧୦ ହଜାରର ଭତ୍ତା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଥିଲା । ରାଜ୍ୟବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପରେ ବ୍ୟାକଫୁଟକୁ ଆସିଥିଲେ ସରକାର। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଥମେ ବର୍ଦ୍ଧିତ ଦରମା ନେବାକୁ ଅଗ୍ରାହ୍ୟ କରିଥିଲେ। ପରେ ବିଜେପି ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତିର ପୁନଃ ବିଚାର ପାଇଁ ନିଷ୍ପତ୍ତି ହୋଇଥିଲା। ଯେଉଁଥି ପାଇଁ ଆଜି ଏହାକୁ ପ୍ରତ୍ୟାହାର ପାଇଁ ନୋଟିସ ଆସିଛି। ଏହି ଆଇନ ପ୍ରତ୍ୟାହାର ହେବା ପରେ ପୁଣି ଥରେ ସଂଶୋଧିତ ବିଲ୍ ଆଣିପାରନ୍ତି ସରକାର। ସଂଶୋଧିତ ହେଲେ ବିଧାୟକଙ୍କ ଦରମା ସାଢେ ୩ ଲକ୍ଷକୁ କମାଇ କେତେ କରୁଛନ୍ତି ତାଉପରେ ନଜର।

# ଆମ୍ବିସନ କ୍ଲବରେ ମେଗା ରକ୍ତଦାନ ଶିବିର

**ଚୌଦ୍ୱାର(ଏନ୍.ଏମ୍.):** ଚୌଦ୍ୱାର ସ୍ଥିତ ମା' ବିରଜା କ୍ରିକେଟ କ୍ଲବ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଓଟିଏମ କଲୋନୀସ୍ଥିତ ଆମ୍ବିସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରେଡକ୍ରସର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଏହି ରକ୍ତଦାନ ଶିବିର ପରିଚାଳନା କରାଯାଇଥିଲା। ଏହି ଶିବିରରେ ମୋଟ ୫୫ୟୁନିଟ ରକ୍ତ ସଂଗ୍ରହ ହୋଇଛି। ରକ୍ତଦାନ ଶିବିରକୁ କ୍ରିକେଟ କ୍ଲବର କର୍ମକର୍ତ୍ତାଙ୍କ ସହିତ ଟେଟ୍ରାହେଡନ ଏଜୁକେସନାଲ ଟ୍ରଷ୍ଟ ସହଯୋଗ କରିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଟେଟ୍ରାହେଡେନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ମ୍ୟାନେଜିଂ ଡାଇରେକ୍ଟର ତ୍ରିଦେବ ବେହେରା, ୟୁଏମଏସଏଲର ମହାପ୍ରବନ୍ଧକ ଭାଗବତ ସାହୁ, ଆମ୍ବିସନ କ୍ଲବ ସଭାପତି ଅମିତ କୁମାର ବେଉରା, ସମ୍ପାଦକ ବିଶ୍ୱଜିତ ଭଞ୍ଜ, ସମାଜସେବୀ କ୍ଷୀରୋଦ ରାଉତ ପ୍ରମୁଖ ଯୋଗଦେଇ ସମାଜରେ ରକ୍ତର ଅଭାବକୁ ଦୂର କରି ଗୋଟିଏ ଜୀବନ ବଞ୍ଚାଇବା ଭଳି ମହତ କାମ କରିବାକୁ ଆହ୍ୱାନ ଦେଇଥିଲେ। ବୁନ୍ଦାଏ ରକ୍ତ ହୁଏତ କାହାର ଜୀବନ ବଞ୍ଚାଇଦେବ। ତେଣୁ ସମସ୍ତ ଯୁବପୀଢ଼ି ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ତଥା ରାଜନୈତିକ ଦଳରୁ ଉର୍ଦ୍ଧ୍ୱକୁ ଯାଇ ଏହି ରକ୍ତଦାନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସେହିଭଳି ଟେଟ୍ରାହେଡନର ନିର୍ଦ୍ଦେଶକ ଶ୍ରୀ ବେହେରା ଆଜିର ଦିନରେ ରକ୍ତର ଅଭାବ ଦୂରକରିବା ନିମନ୍ତେ କାର୍ଯ୍ୟକରିବା ପାଇଁ ଏହି ଅନୁଷ୍ଠାନ ସଂକଳ୍ପବଦ୍ଧ ବୋଲି ନିଜ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। କଟକ ଜିଲ୍ଲା ରେଡକ୍ରସ କନଭେୟର ତଥା ଅଧ୍ୟାପିକା ସସ୍ମିତା ପଟ୍ଟନାୟକ, ଡକ୍ଟର ଅବିନାଶ ଦାସ, ସରୋଜ ମହାନ୍ତି, ଗୋବିନ୍ଦ ମହନ୍ତ, ପିତାମ୍ବର ଜେନା ପ୍ରମୁଖ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ମା' ବିରଜା କ୍ରିକେଟ କ୍ଲବର କର୍ମକର୍ତ୍ତା ଦେବାଶିଷ ରାଉତ, ରୋହିତ ସ୍ୱାଇଁ, ଭାଗ୍ୟପ୍ରସାଦ ବାରିକ, ସାର୍ଥକ ମହାନ୍ତି, ବାସୁଦେବ ବାରିକ, ସୁଧୀର ରାଓ, ସ୍ମୃତିରଞ୍ଜନ ପରିଡ଼ା, ସୋମନାଥ ବେହେରା, ଆଶିଷ ରାଉତ, ଆଶିଷ ବରାଳ, ପ୍ରଦୀପ ଦାସ, ବାସୁଦେବ ବାରିକ, ସତ୍ୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଅତ୍ରତତ୍ର ସର୍ବତ୍ର ପାଳିତ ହେଲା ପବିତ୍ର ଶ୍ରୀରାମ ନବମୀ

**ଚୌଦ୍ୱାର(ଏନ୍.ଏମ୍.):** ସବୁଆଡେ ବଡ଼ ଧୁମଧାମରେ ପାଳିତ ହୋଇଛି ପବିତ୍ର ଶ୍ରୀରାମ ନବମୀ। ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମତିଥି। ଏଥିପାଇଁ ମୁଖରିତ ହୋଇ ଉଠିଛି ପୁରପଲ୍ଲୀ। ଏଥିରୁ ବାଦ ପଡିନି କଟକ ଜିଲ୍ଲାର ଚୌଦ୍ୱାର ଅଞ୍ଚଳ। ଏଥିପାଇଁ ଚୌଦ୍ୱାରର ତଥା ସଲଗ୍ନ ଗାଁ ଗହଳିର ବିଭିନ୍ନ ମନ୍ଦିରରେ ଦେଖିବାକୁ ମିଳିଥିଲା ଶ୍ରଦ୍ଧାଳୁଙ୍କ ଭିଡ। ବିଭିନ୍ନ ସ୍ଥାନରେ ଥିବା ରାମ ମନ୍ଦିର ଓ ହନୁମାନ ମନ୍ଦିରରେ ପ୍ରବଳ ଭିଡ଼ ସହ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ସକାଳୁ ନିଜ ନିତ୍ୟକର୍ମ ସାରି ମନ୍ଦିରରେ ଭୋଗ, ଫୁଲ, ଦୀପ ଧରି ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିଛନ୍ତି। ସ୍ୱତନ୍ତ୍ର ନୀତିକାନ୍ତିରେ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯାଇ ହୋମ ଯଜ୍ଞ କରାଯାଇଥିଲା। ଦିବସବ୍ୟାପୀ ପୂଜାର୍ଚ୍ଚନା ଚାଲିବା ସହ ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି କରାଯାଇଥିଲା। ବିଶେଷ କରି ଆଜିର ଏହି ଦିନରେ ପ୍ରଭୁଙ୍କୁ ସ୍ମରଣ କରି ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ବିଭିନ୍ନ ମନ୍ଦିର ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧାକୁ ନଜରରେ ରଖି ଧାଡି ଦର୍ଶନର ବ୍ୟବସ୍ଥା, ପାନୀୟ ଜଳ ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ମୁଣ୍ଡମାଳସ୍ଥିତ ହନୁମାନ ମନ୍ଦିର, ବଡ଼ଚାଞ୍ଚୋସ୍ଥିତ ହନୁମାନ ମନ୍ଦିର ସମେତ ଚୌଦ୍ୱାରର ବିଭିନ୍ନ ରାମ ମନ୍ଦିରରେ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରିବା ସହ ପ୍ରଭୁଙ୍କ ରାମନାମ ଜପିବା ଦ୍ୱାରା ମନ ଏବଂ ଆତ୍ମାକୁ ଶାନ୍ତି ମିଳିଥାଏ। ଏଥିସହ ନିଜ ପରିବାର ଏବଂ ବିଶ୍ୱର ମଙ୍ଗଳ କାମନା କରିଛନ୍ତି।

# ବରିଷ୍ଠ ଶ୍ରମିକନେତା ବସନ୍ତ ସାହୁଙ୍କ ମାତୃବିୟୋଗ



**କଟକ(ଏନ୍.ଏମ୍.):** ବରିଷ୍ଠ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘ ସର୍ବଭାରତୀୟ ସଭାପତିଙ୍କ ମାତା କେଶରୀ ସାହୁଙ୍କ ୮୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗୀୟା ସାହୁଙ୍କ ପରଲୋକଗତ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସ୍ଥାନୀୟ ସିଡିଏ କୃଷକ ବଜାରସ୍ଥିତ ସାନପୁଅଙ୍କ ବାସ ଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ-ବୋହୂ, ନାତି, ନାତୁଣୀ, ଝିଅ- ଜ୍ୱାଇଁ, ଭଣଜା ପ୍ରମୁଖ ଉପସ୍ଥିତଥିଲେ। ଭାରତୀୟ ମଜଦୁର ସଂଘର ସମସ୍ତ କର୍ମକର୍ତ୍ତା, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥି ସହିତ ସ୍ୱର୍ଗୀୟା ସାହୁ ବିଭିନ୍ନସ୍ତରରେ ଲୋକମାନଙ୍କ ହକ ପାଇଁ ସଂଗଠନ ସୃଷ୍ଟି କରିବା ଉପରେ ପ୍ରେରଣା ଦେଉଥିଲେ। ତାଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ସଫଳ ପୁଲିସ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ



**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟ ଓ ଜାତୀୟସ୍ତରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପୁଲିସ ଖେଳାଳୀଙ୍କୁ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ନିଜ ବକ୍ତବ୍ୟରେ କହିଥିଲେ, କ୍ରୀଡ଼ାବିତ୍‌ଙ୍କ ଏହି ସଫଳତା ରାଜ୍ୟ ଓ ଓଡ଼ିଶା ପୁଲିସ ପାଇଁ ଗୌରବର ବିଷୟ। ସେମାନଙ୍କ ଏହି ସଫଳତା ଓଡ଼ିଶାର ଯୁବ ପିଢ଼ିକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ସେ କହିଥିଲେ। ଉଲ୍ଲେଖନୀୟ ଯେ, ନିକଟରେ ଆୟୋଜିତ ସର୍ବଭାରତୀୟ ପୁଲିସ ଓ ବରିଷ୍ଠ ଜାତୀୟ ଚାମ୍ପିଅନ୍‌ସିପ୍-୨୦୨୬ରେ ଓଡ଼ିଶା ପୁଲିସର କ୍ରୀଡ଼ାବିତମାନେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରୋଇଂ ପ୍ରତିଯୋଗିତାରେ ରିତୁ କାଉଡ଼ି ଓ ସୋନାଲିକା ଦାସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିପରି କ୍ୟାନୋଇଂ, କାୟାକିଂ, କରାଟେ ଏବଂ ଆଥଲେଟିକ୍ସ ମଧ୍ୟରେ ମଧ୍ୟ ଖେଳାଳୀମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ, କଟକରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିଅନ୍‌ସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର ୭ ଜଣ ଖେଳାଳୀ ୧୧ଟି ବିଭିନ୍ନ ବିଭାଗରେ ନୂତନ 'ମିଟ୍ ରେକର୍ଡ' ସୃଷ୍ଟି କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ବିଘ୍ନରାଜ ମିରିଡ଼ିଆ, ଅଶୋକ ଦାଣ୍ଡସେନା, ସୁସ୍ମିତା ଡିଗା ଓ ସବିତା ଟପ୍ପୋଙ୍କ ଭଳି ଖେଳାଳୀମାନେ ନିଜ ନିଜ ବର୍ଗରେ ଅସାଧାରଣ ପ୍ରଦର୍ଶନ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଥିବା ଜଣାପଡ଼ିଛି।

# ସୁବର୍ଣ୍ଣରେଖା ନଦୀରୁ ମିଳିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ୫୦୦ ପାଉଣ୍ଡ ଆମେରିକୀୟ ବୋମା



**ବାରିପଦା (ଏନ୍.ଏମ୍.):** ମୟୂରଭଞ୍ଜ ସୀମାନ୍ତ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଜିଲ୍ଲା ଅନ୍ତର୍ଗତ ବହରାଗୋଡ଼ା ଅଞ୍ଚଳରେ ଥିବା ସୁବର୍ଣ୍ଣରେଖା ନଦୀକୂଳ ବାଲିରୁ ଏକ ଶକ୍ତିଶାଳୀ ତଥା ଜୀବନ୍ତ ବୋମା ଉଦ୍ଧାର କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଏହା ଦ୍ୱିତୀୟପବିଶ୍ୱଯୁଦ୍ଧ ସମୟର ଏକ ଆମେରିକୀୟ ବୋମା, ଯାହାର ଓଜନ ପ୍ରାୟ ୫୦୦ ପାଉଣ୍ଡ ବା ୨୨୭ କିଲୋଗ୍ରାମ। ଏହି ବିଶାଳକାୟ ବୋମା ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିବା ବେଳେ ପ୍ରଶାସନ ଏବଂ ପୋଲିସ ଆଲର୍ଟ ମୋଡ୍ରେ ଅଛନ୍ତି। ବୋମାରେ ଲେଖାଅଛି 'ଆମେରିକାନ୍ ମେଡ୍'ଗ୍ୟାସ୍ ସିଲିଣ୍ଡର ଭଳି ଦେଖାଯାଉଥିବା ଏହି ବୋମା ଉପରେ ସ୍ପଷ୍ଟ ଭାବରେ– M64 500-LB... American Made... Unexploded ଲେଖାଯାଇଛି। ବିଶେଷଜ୍ଞଙ୍କ ମତରେ, ଏହା ଏକ 'ଜେନେରାଲ୍ ପର୍ପସ୍' ବୋମା, ଯାହା ଅତୀତରେ କୌଣସି ବିମାନରୁ ଖସି ନଦୀ ବାଲିରେ ପୋତି ହୋଇ ରହିଯାଇଥିଲା ଏବଂ ବିସ୍ଫୋରଣ ହୋଇନଥିଲା। ସ୍ଥାନୀୟ ଲୋକେ ବାଲି ଖୋଳୁଥିବା ସମୟରେ ପାଣିପଡ଼ା-ନାଗୁଡ଼ସାଇ ନିକଟରେ ଏହାକୁ ଠାବ କରିଥିଲେ। ସେନା ସାହାଯ୍ୟରେ କରାଯିବ ନିଷ୍କ୍ରିୟ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ସିଲ୍ କରିଛି। ରାଞ୍ଚିରୁ ଆସିଥିବା ବୋମା ନିଷ୍କ୍ରିୟକାରୀ ଦଳ– Squad ଏହାର ଯାଞ୍ଚ କରିବା ପରେ ଏହାକୁ ଏକ ଘାତକ ତଥା ଶକ୍ତିଶାଳୀ ବୋମା ବୋଲି ସ୍ପଷ୍ଟ କରିଛନ୍ତି। ଦଳର ପ୍ରଭାରୀ ନନ୍ଦକିଶୋର ସିଂହ କହିଛନ୍ତି ଯେ ଏହାକୁ ସାଧାରଣ ଉପାୟରେ ନିଷ୍କ୍ରିୟ କରିବା ସମ୍ଭବ ନୁହେଁ। ଏଥିପାଇଁ ଉଚ୍ଚସ୍ତରୀୟ ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି। ତେଣୁ ଏହି ବୋମାକୁ ନିଷ୍କ୍ରିୟ କରିବା ପାଇଁ ଭାରତୀୟ ସେନା ଏବଂ ପଶ୍ଚିମବଙ୍ଗର କଳାଇକୁଣ୍ଡା ଏୟାରଫୋର୍ସ ଷ୍ଟେସନ ସହ ଯୋଗାଯୋଗ କରାଯାଇଛି। ପ୍ରଶାସନର ସତର୍କତା ଓ ପୂର୍ବ ଘଟଣା ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ବୋମା ନିକଟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛି। ସୂଚନାଯୋଗ୍ୟ ଯେ, ପ୍ରାୟ ୭ ମାସ ପୂର୍ବେ ପଶ୍ଚିମବଙ୍ଗର ଗୋପୀବଲ୍ଲଭପୁର ଥାନା ଅଞ୍ଚଳରେ ଥିବା ସୁବର୍ଣ୍ଣରେଖା ନଦୀରୁ ମଧ୍ୟ ଏଭଳି ଏକ ବୋମା ଉଦ୍ଧାର କରାଯାଇଥିଲା, ଯାହାକୁ କଳାଇକୁଣ୍ଡା ଏୟାରଫୋର୍ସର ଅଧିକାରୀମାନେ ସଫଳତାର ସହ ନିଷ୍କ୍ରିୟ କରିଥିଲେ। ବର୍ତ୍ତମାନ ସେନାର ବିଶେଷଜ୍ଞ ଦଳ ଆସିବା ପର୍ଯ୍ୟନ୍ତ ବହରାଗୋଡ଼ା ପୋଲିସ କଡ଼ା ପ୍ରହରା ଜାରି ରଖିଥିବା ସୂଚନା ମିଳିଛି।

### ୫୨୨ ଏକରରୁ ୫୬ ଏକର ନେଇ ହାତବାନ୍ଧି ବସିଛି କମ୍ପାନି

# ପ୍ରସ୍ତାବିତ ଟେକ୍ସଟାଇଲ୍, ଲଜିଷ୍ଟିକ୍ ପାର୍କ ଧୂଆଁବାଣ : ୨ବର୍ଷ ହେଲା ହସ୍ତାନ୍ତର ହୋଇପାରୁନି ଜମି



**କଟକ(ଏନ୍.ଏମ୍.):** ରାଜ୍ୟର ଏକଦା ପ୍ରମୁଖ ଶିଳ୍ପାନୁଷ୍ଠାନ ଭାବେ ପରିଚିତ ଚୌଦ୍ୱାରର ଓଟିଏମ୍ ସ୍ଥାନରେ ବିକଳ୍ପ ଶିଳ୍ପ ମୁଣ୍ଡ ଟେକିବାକୁ ନେଇ ପୁଣି ଅନିଶ୍ଚିତତା ବଢ଼ିବାରେ ଲାଗିଛି। ଓଟିଏମ୍ ଖୋଲିବା ପାଇଁ ୧୭ ବର୍ଷ ଧରି ଆନ୍ଦୋଳନ ଚାଲିଥିଲା। ସେହି ସ୍ଥାନରେ ଗୁଜରାଟର ୱେଲସ୍ପନ୍ ଗ୍ରୁପ୍ ଟେକ୍ସଟାଇଲ୍ ଓ ଲଜିଷ୍ଟିକ୍ ପାର୍କ ଖୋଲିବ ବୋଲି ୨୦୨୪ରେ ଶିଳାନ୍ୟାସ ହେଲା। କିନ୍ତୁ ଗଲା ୨ ବର୍ଷ ଭିତରେ ଇଡକୋ ୱେଲସ୍ପନକୁ ୫୬ ଏକର ଜମି ଦେଇଥିବା ବେଳେ ବାକି ଜମି ହସ୍ତାନ୍ତର ହୋଇପାରୁ ନ ଥିବାରୁ କାମ ଅଟକି ଯାଇଛି। ପାଖାପାଖି ୫୨୨ ଏକର ଜମି ଉପରେ ଓଟିଏମ୍ ଛିଡ଼ା ହୋଇଥିଲା। ୨୦୦୧ ଜୁଲାଇ ୩୧ରେ ଓଟିଏମ୍ ବନ୍ଦ ହୋଇଯିବା ପରେ ଚେ ?ଦ୍ୱାରର ଅର୍ଥନୀତି ବିଗିଡ଼ି ଯାଇଥିଲା। ଅନେକ ଲୋକ ଅଭାବ ଅନଟନରେ ମୃତ୍ୟୁବରଣ କରିଥିଲେ। ଯେଉଁମାନେ କ୍ୱାର୍ଟର୍ସରେ ରହୁଥିଲେ ବିନା ବିଜୁଳି, ପାଣିରେ ଦିନ ବିତାଇଥିଲେ। ୨୦୦୫ ଅଗଷ୍ଟ ୩୦ରେ ଓଟିଏମକୁ ଗୁଜୁରାଟର ଏକ କବାଡ଼ିଆ କମ୍ପାନିକୁ ବିକ୍ରି କରି ଦିଆଗଲା। ଓଟିଏମକୁ ଖୋଲିବା ପାଇଁ ୨୦୦୫ ସେପ୍ଟେମ୍ବର ୧ରୁ ଓଟିଏମ୍ ବଞ୍ଚାଅ ସଂଗଠନ ଓ ବିରାଟ ଜନକଲ୍ୟାଣ ସମିତି ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୦୬ ସେପ୍ଟେମ୍ବର ୧୯ରେ ରାଜ୍ୟ ସରକାର ହାଇକୋର୍ଟରେ ୩୫ କୋଟି ଟଙ୍କା ଜମା ରଖିବା ସହ ଶୀଘ୍ର ଏହାକୁ ଖୋଲିବା ପାଇଁ ସତ୍ୟପାଠ ଦାଖଲ କରିଥିଲେ। ୨୦୨୨ ଅଗଷ୍ଟରେ ସରକାର ଆଉ ୧୧୫ କୋଟି ଟଙ୍କା ଦାଖଲ କରି ଓଟିଏମକୁ ମୁକୁଳାଇଥିଲେ। ସେହି ସମୟରେ ୱେଲସ୍ପନ୍ ଗ୍ରୁପ ଦ୍ୱାରା ଟେକ୍ସଟାଇଲ୍ ଓ ଲଜିଷ୍ଟିକ୍ ପାର୍କ ପ୍ରତିଷ୍ଠା ସହିତ ଶ୍ରମିକଙ୍କ ବକେୟା ପ୍ରଦାନ ପାଇଁ ଘୋଷଣା ହେଲା। ଫଳରେ ୨୦୨୪ ଫେବୃଆରି ୧୩ରେ ଜାରି ରହିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହେଲା। କମ୍ପାନି ଆରମ୍ଭ ହେଲେ ୨୦ହଜାର ନିଯୁକ୍ତି ସୁଯୋଗ ମିଳିବ ବୋଲି ଘୋଷଣା ହୋଇଥିଲା। ଇଡକୋ ଅଧୀନକୁ ଓଟିଏମ୍ର ସବୁ ଜମି ଆସିଥିଲେ ବି ବର୍ତ୍ତମାନସୁଦ୍ଧା କେବଳ ୪୭୮ ଏକର ଜମି ଅଧିଗ୍ରହଣ ହୋଇପାରିଛି। ଯେଉଁଥିରୁ ୫୬ ଏକର ସଂପୃକ୍ତ ଘରୋଇ କମ୍ପାନିକୁ ଦିଆଯାଇଛି। ସରକାର ଯେତେଶୀଘ୍ର ଜମି ଯୋଗାଇ ଦେବେ ସେତେଶୀଘ୍ର କାମ ଆରମ୍ଭ ହେବ ବୋଲି କମ୍ପାନି କର୍ତ୍ତୃପକ୍ଷ ବାରମ୍ବାର ଘୋଷଣା କରି ଚାଲିଛନ୍ତି। କିନ୍ତୁ କେଉଁ କାରଣରୁ ଶିଳ୍ପ ଆଗକୁ ବଢ଼ିପାରୁ ନାହିଁ, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଓଟିଏମ୍ ବଞ୍ଚାଅ ସଂଗଠନର ଆବାହକ ଦୀପକ ବାରିକ କହିଛନ୍ତି, ୧୭ ବର୍ଷ ଧରି ଆନ୍ଦୋଳନର ପରିଣାମ ଆମେ ପାଇଛୁ। ହେଲେ ଯେପର୍ଯ୍ୟନ୍ତ କମ୍ପାନି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ନ ଦେଇଛି ଏବଂ କାର୍ଯ୍ୟ ଆରମ୍ଭ ନ ହୋଇଛି, ସେପର୍ଯ୍ୟନ୍ତ ଆନ୍ଦୋଳନର ପ୍ରକୃତ ସଫଳତା ମିଳିବନି। କମ୍ପାନି ଆରମ୍ଭ ହେଲେ ୨ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ଲାଭବାନ ହେବେ। ହେଲେ କିଛି ଅଧିକାରୀଙ୍କର ଅବହେଳା ଯୋଗୁଁ ଚୌଦ୍ୱାରରେ ଶିଳ୍ପର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଚାଲିଯାଇଛି ବୋଲି ଶ୍ରୀ ବାରିକ କହିଛନ୍ତି। ସୂଚନା ଯୋଗ୍ୟ ଏହିକି ଯେ, ୧୯୩୯ ମସିହା ସେପ୍ଟେମ୍ବର ୧ତାରିଖରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୪୫ ମସିହା ସେପ୍ଟେମ୍ବର ୨ତାରିଖରେ ଶେଷ ହେବା ପରେ ଶିଳ୍ପ ବିପ୍ଳବର ପ୍ରଭାବରେ କଟକଜିଲ୍ଲା ଚୌଦ୍ୱାର ଠାରେ ଆରମ୍ଭ ହୋଇଥିଲା କୃଷିଭିତ୍ତିକ ଶିଳ୍ପ ସଂସ୍ଥାର ପ୍ରତିଷ୍ଠା। ଚାଷୀମାନେ କପା ଚାଷ କରିବା ପରେ ସେଥିରୁ ଲୁଗା ଉତ୍ପାଦନ କରିବା ପାଇଁ ମହାଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଏହି ଶିଳ୍ପ ସଂସ୍ଥା ନିର୍ମାଣ ପାଇଁ ଯୋଜନା କରିଥିଲେ। ସେଥିଲାଗି ସ୍ୱର୍ଗତ ବିଜୁ ପଟ୍ଟନାୟକ ଚୌଦ୍ୱାରକୁ ଶିଳ୍ପର ନଗରୀ ହିସାବରେ ବାଛିଥିଲେ ଆଉ ୧୯୪୬ ମସିହାରେ ନିର୍ମାଣ ଆରମ୍ଭ ହୋଇଥିଲା ଓଡିଶା ଟେକ୍ସଟାଇଲ ମିଲ(ଓଟିଏମ୍)। ଯାହା ଥିଲା ଓଡ଼ିଶାର ସର୍ବ ପ୍ରଥମ କମ୍ପୋଜିଟ ଲୁଗାକଳ। ୧୯୫୦ ମସିହାରେ ପ୍ରଥମେ ଉତ୍ପାଦନ ଆରମ୍ଭ କରିଥିଲା ଓ ୧୯୮୦ରେ ଏସିଆ ମହାଦେଶରେ ସର୍ବବୃହତ ବୟନ ଶିଳ୍ପ ଭାବେ ନାଁ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ରାଜନୈତିକ ପଶାପାଳିରେ ଛନ୍ଦି ହୋଇ ଗତ ୨୦୦୧ ମସିହା ଜୁଲାଇ ୩୧ ତାରିଖରେ ଓଟିଏମ୍ କାରଖାନାରେ ତାଲା ପଡିଥିଲା।




# ଆର୍ଯ୍ୟମାନ ବିର୍‌ଲା : କ୍ରିକେଟର୍‌ରୁ ଆରସିବି ଅଧ୍ୟକ୍ଷ



**ନୂଆଦିଲ୍ଲୀ(ଏଜେନ୍ସି) :** ଦିନେ ରାଜସ୍ଥାନ ରୟାଲ୍ସର ଓପନିଂ ବ୍ୟାଟର୍ ଥିବା ଆର୍ଯ୍ୟମାନ ବିର୍‌ଲା ଏବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାଲିକ ପାଲଟି ଯାଇଛନ୍ତି । ମଙ୍ଗଳବାର ବିର୍‌ଲା ଗ୍ରୁପ ନେତୃତ୍ୱାଧୀନ ଏକ କନସୋର୍ଟିୟମ୍ ଆରସିବିକୁ ୧୬୬୦୦ କୋଟି ଟଙ୍କାରେ କିଣିବା ପରେ ଆର୍ଯ୍ୟମାନଙ୍କୁ ଏହି ଫ୍ରାଞ୍ଚାଇଜିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ଏହି କନସୋର୍ଟିୟମ୍‌ରେ ବ୍ଲାକଷ୍ଟୋନ୍ ଗ୍ରୁପ୍, ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ୍ ଓ ବୋଲ୍ଟ ଭେଞ୍ଚର୍ସ ମଧ୍ୟ ଅଛନ୍ତି । ଟାଇମ୍ସ ଅଫ ଇଣ୍ଡିଆର ସତ୍ୟମ୍ ଗଜଓ୍ୱାନି ଆରସିବିର ଉପାଧ୍ୟକ୍ଷ ହେବେ । ଆରସିବି ପରି ଏକ ଆଇପିଏଲ୍ ଫ୍ରାଞ୍ଚାଇଜି କିଣିବା ଆର୍ଯ୍ୟମାନଙ୍କ ପାଇଁ କୌଣସି ଏକ ବଡ଼ ବା ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ । କାରଣ ସେ ହେଉଛନ୍ତି ଦେଶର ଜଣାଶୁଣା ଶିଳ୍ପପତି କୁମାର ମଙ୍ଗଳମ୍ ବିର୍‌ଲାଙ୍କ ପୁତ୍ର । ଘରୋଇ କ୍ରିକେଟ୍‌ରେ ସେ ମଧ୍ୟପ୍ରଦେଶ ପାଇଁ ପ୍ରତିନିଧିତ୍ୱ କରିଥିଲେ । ୨୦୧୭ ନଭେମ୍ବରରେ ସେ ନିଜର ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟର ଓଡ଼ିଶା ବିପକ୍ଷରେ ଆରମ୍ଭ କରିଥିଲେ । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ସେ ୯ଟି ମ୍ୟାଚ୍ ଖେଳି ମୋଟ ୪୧୪ ରନ୍ କରିଛନ୍ତି । ୨୦୧୮ ଆଇପିଏଲ୍ ନିଲାମରେ ତାଙ୍କୁ ରାଜସ୍ଥାନ ରୟାଲ୍ସ ୩୦ ଲକ୍ଷ ଟଙ୍କାରେ କିଣିଥିଲା । କିନ୍ତୁ ତାଙ୍କୁ କୌଣସି ମ୍ୟାଚ୍‌ରେ ଖେଳାଯାଇନଥିଲା । ୨୦୨୦ରେ ଋତୁରେ ତାଙ୍କ ରାଜସ୍ଥାନ ରୟାଲ୍ସ ମୁକ୍ତ କରିଥିଲା । ଏହା ପରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ କ୍ରିକେଟ୍‌ରୁ ଦୂରେଇ ରହିଥିଲେ ।

# ଆଇସିସି ଟି-୨୦ ରାଙ୍କିଙ୍ଗ : ଟପ୍-୧୦ ଭିତରେ ସ୍କାଏ



**ନୂଆଦିଲ୍ଲୀ (ଏଜେନ୍ସି) :** ଆଇସିସି ପକ୍ଷରୁ ପ୍ରକାଶ ପାଇଲା ଟି-୨୦ ରାଙ୍କିଂ । ସଦ୍ୟତମ ପ୍ରକାଶ ପାଇଥିବା ଏହି ରାଙ୍କିରେ ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣଆଫ୍ରିକା ଖେଳାଳିମାନେ କମାଲ କରିଛନ୍ତି । ଟି-୨୦ ବିଶ୍ୱକପ ପରଠାରୁ ଭାରତୀୟ ଦଳ କୌଣସି ମ୍ୟାଚ ଖେଳିନାହିଁ । ତଥାପି ଟପ୍-୧୦ ଭିତରେ ୪ ଜଣ ଭାରତୀୟ ଖେଳାଳି ରହିଛନ୍ତି । ସୂର୍ଯ୍ୟକୁମାର ଯାଦବ ଏକ ଲମ୍ବା ଲମ୍ଫ ମାରିଥିବାବେଳେ ସେ ଟପ୍-୧୦ ମଧ୍ୟରେ ପ୍ରବେଶ କରିଛନ୍ତି । ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି । ଏବେ ଭାରୀୟ ଖେଳାଳି ସିଧାସଳଖ ଭାବେ ଆଇପିଏଲ ଖେଳିବେ । ସେପଟେ ଏହି ରାଙ୍କିଂରେ ଏକ ନମ୍ବର ସ୍ଥାନରେ ରହିଛନ୍ତି ଭାରତୀୟ ଓପନର ଅଭିଶେକ ଶର୍ମା । ଦ୍ୱିତୀୟ ସ୍ଥାନରେ ଇଶାନ କିଷନ ନିଜର ସ୍ଥାନ ବଜାୟ ରଖିଥିବାବେଳେ ତିଲକ ବର୍ମା ଷଷ୍ଠ ସ୍ଥାନରେ ଏବଂ ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି । ନ୍ୟୁଜିଲାଣ୍ଡର ଓପନର ବ୍ୟାଟ୍ସମ୍ୟାନ ରବିନ୍ସ ଦୁଇଟି ସ୍ଥାନ ଉପରକୁ ଉଠିଥିବାବେଳେ ୩୪ ନମ୍ବର ସ୍ଥାନରେ ରହିଛନ୍ତି । ଲକି ଫର୍ଗୁସନ ବୋଲିଂରେ ୧୨ଜଣଙ୍କୁ ପଛରେ ପକାଇ ୩୯ନମ୍ବର ସ୍ଥାନରେ ରହିଛନ୍ତି । ଶେଷଥର ପାଇଁ ଖେଳିଥିବା ଟି-୨୦ ମ୍ୟାଚରେ ୯ରନ୍ ଦେଇ ୪ ଓ୍ୱିକେଟ୍ ଆକ୍ତିଆର କରିଥିବାବେଳେ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ । ସେପଟେ ନମ୍ବର ଓ୍ୱାନ ବୋଲର ରହିଛନ୍ତି ଆଫଗାନିସ୍ତାନର ଷ୍ଟାର ବୋଲର ରସିଦ ଖାନ । ଅଲରାଉଣ୍ଡର ତାଲିକାରେ ଶୀର୍ଷରେ ରହିଛନ୍ତି ଜିମ୍ବାୱେର ଅଧିନାୟକ ସିକନ୍ଦର ରଜା । ଅଲରାଉଣ୍ଡର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା । ତୃତୀୟ ସ୍ଥାନରେ ରହିଛନ୍ତି ପାକିସ୍ତାନୀ ଖେଳାଳି ସାମ୍ ଆୟୁବ୍ । ବୋଲରଙ୍କ ତାଲିକାରେ କିଓ୍ୱି ବୋଲର ବେନ୍ ସିୟର୍ସ ୨୦ଟି ସ୍ଥାନ ଉପରକୁ ଉଠିଛନ୍ତି । ଏବେ ସେ ୫୯ ନମ୍ବର ସ୍ଥାନରେ ରହିଥିବାବେଳେ କେଶବ ମହାରାଜ ୫ଟି ସ୍ଥାନ ଉପରକୁ ଉଠି ୪୭ ନମ୍ବର ସ୍ଥାନରେ ରହିଛନ୍ତି ।

# ରୋମାଞ୍ଚକର ବିଜୟ ସହ ସେମିରେ ଆୟୋଜକ ଦଳ




ଏଲଏଲସିସି କପ

**ମୁମ୍ବାଇ (ଏଜେନ୍ସି) :** ରୋମାଞ୍ଚକର ବିଜୟ ସହ ୧୪ ବର୍ଷରୁ କମ ୫ମ ଏଲଏଲସିସି ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି ଆୟୋଜକ ଦଳ । ଆଜି ଏଲଏଲସିସି ୨୧ ରନରେ କଟକର ସୋଲାର କ୍ରିକେଟ କ୍ଲବକୁ ହରାଇ ସେମି ଟିକେଟ ହାସଲ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଏଲଏଲସିସି ନିର୍ଦ୍ଧାରିତ ୩୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ କେବଳ ୧୯୪ ରନ କରିପାରିଥିଲା । ଦଳ ପକ୍ଷରୁ ପୁପୁନ ବେହେରା ସର୍ବାଧିକ ୬୪ ରନ କରିଥିବା ବେଳେ ରୋହିତ ବିଭାର ୫୦ ରନର ଇନିଂସ ଖେଳିଥିଲେ । ଏହି ଦୁଇ ଜଣଙ୍କୁ ଛାଡ଼ି ଦେଲେ ସୋଲାରର ବୋଲିଂ ଆଟାକକୁ ଆଉ କେହି ସାମ୍ନା କରି ପାରି ନଥିଲେ । ସୋଲାର ପକ୍ଷରୁ ବୀରଭଦ୍ର ସାହୁ ୪ଟି, ଆକାଶ ଟୁଡୁ ଓ ପ୍ରିୟାଂଶୁ ବିଶ୍ୱାଳ ୨ଟି ଲେଖାଏ ସଫଳତା ପାଇଥିଲେ । ସେହିପରି ଆୟୁଶ ରାଉତ ଗୋଟିଏ ଓ ଗୋଟିଏ ଓ୍ୱିକେଟ ରନ ଆଉଟରୁ ମିଳିଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଏଲଏଲସିସି ନିର୍ଦ୍ଧାରିତ ୩୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ କେବଳ ୧୯୪ ରନ କରିପାରିଥିଲା । ଦଳ ପକ୍ଷରୁ ପୁପୁନ ବେହେରା ସର୍ବାଧିକ ୬୪ ରନ କରିଥିବା ବେଳେ ରୋହିତ ବିଭାର ୫୦ ରନର ଇନିଂସ ଖେଳିଥିଲେ । ଏହି ଦୁଇ ଜଣଙ୍କୁ ଛାଡ଼ି ଦେଲେ ସୋଲାରର ବୋଲିଂ ଆଟାକକୁ ଆଉ କେହି ସାମ୍ନା କରି ପାରି ନଥିଲେ । ସୋଲାର ପକ୍ଷରୁ ବୀରଭଦ୍ର ସାହୁ ୪ଟି, ଆକାଶ ଟୁଡୁ ଓ ପ୍ରିୟାଂଶୁ ବିଶ୍ୱାଳ ୨ଟି ଲେଖାଏ ସଫଳତା ପାଇଥିଲେ । ସେହିପରି ଆୟୁଶ ରାଉତ ଗୋଟିଏ ଓ ଗୋଟିଏ ଓ୍ୱିକେଟ ରନ ଆଉଟରୁ ମିଳିଥିଲା । ଏଲଏଲସିସିର ୨୧ ରନର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ମୋହିତ ପଙ୍କଜ ସାହୁ । ସେ ୭ ଓଭରରେ ୩ଟି ମେଡେନ ସହ ୧୬ ରନ ଦେଇ ୩ଟି ଓ୍ୱିକେଟ ନେଇଛନ୍ତି । ଏଥିପାଇଁ ତାଙ୍କୁ ଶୁଭେନ୍ଦୁ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ ପାଟ୍ଟଶାଣୀ ୩ଟି, ସୁନିଲ ନାୟକ ୨ଟି, ପ୍ରତୀକ ସାମନ୍ତରାୟ ଓ ଜୟଦୀପ ରାଜ ଗୋଟିଏ ଲେଖାଏ ଓ୍ୱିକେଟ ପାଇଛନ୍ତି ।

# ଓଡ଼ିଶାରେ ପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନସିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର (ଏଜେନ୍ସି) :** ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ଏକ ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହି ଇଭେଣ୍ଟ ୨୦୨୮ ବିଶ୍ୱ ଚାମ୍ପିୟନସିପ୍ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି । ଓଡ଼ିଶାକୁ ଦେଶର 'କ୍ରୀଡ଼ା ରାଜଧାନୀ' ଭାବେ ପୁଣିଥରେ ପ୍ରମାଣିତ କରିଛନ୍ତି ରାଜ୍ୟ ସରକାର । ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ନ୍ୟାସନାଲ ଇନଡୋର ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଆୟୋଜନକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି । ସେ କହିଛନ୍ତି ଯେ, ଏହି ଇନଡୋର ହଲ୍‌କୁ ନେଇ ଉଠୁଥିବା ସମସ୍ତ ପ୍ରଶ୍ନର ଅନ୍ତ ଘଟିଛି ଏବଂ ଏହି ଇଭେଣ୍ଟ ୨୦୨୮ ବିଶ୍ୱ ଚାମ୍ପିୟନସିପ୍ ପାଇଁ ମାର୍ଗ ପ୍ରଶସ୍ତ କରିଛି । ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାକୁ ଦେଶର କ୍ରୀଡ଼ା ରାଜଧାନୀ ଭାବେ ସେ ଗୌରବର ସହ ଉପସ୍ଥାପିତ କରିଛନ୍ତି । ଭାରତୀୟ ଆଥଲେଟିକ୍ସ ମହାସଂଘର ସଭାପତି ବାହାଦୁର ସିଂହ ସାଗୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନସିପ୍-୨୦୨୬ ଅବସରରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ, ଭାରତର କ୍ରୀଡ଼ା ଇତିହାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, କାରଣ ସମଗ୍ର ଦେଶରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଭାବେ ଏଭଳି ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିଛି । ଉଦଘାଟନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ନେଲସନ ଲାକ୍ରା, ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡାଙ୍କ ସମେତ ଭାରତୀୟ ଆଥଲେଟିକ୍ସ ମହାସଂଘର ବୈଷୟିକ ଅଧିକାରୀ ଏବଂ କୋଷାଧ୍ୟକ୍ଷ ଷ୍ଟାନଲି ଜୋନ୍ସ, ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ସଭାପତି ଆଦିଲ ସୁମାରିୱାଲା, ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ ସଭାପତି ଡ. ଜି.ଏସ୍ ପଟ୍ଟନାୟକ, ଓଡ଼ିଶା ଅଲିମ୍ପିକ ଆସୋସିଏସନ ସାଧାରଣ ସମ୍ପାଦକ) ଅଭିଜିତ ପଲ୍ ପ୍ରମୁଖ ମଞ୍ଚାସୀନ ଥିଲେ ।

# ୧୭ ବର୍ଷରୁ କମ୍ ଗ୍ରୀଷ୍ମକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ



**ମାଲକାନଗିରି(ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲା ସଦରମହକୁମା ଦଣ୍ଡକାରଣ୍ୟ ଖେଳ ପଡ଼ିଆ ଠାରେ ୧୭ ବର୍ଷର କମ୍ ଗ୍ରୀଷ୍ମ କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଛି । ପ୍ରଥମେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଖେଳାଳିମାନଙ୍କୁ ଡକାଯାଇଥିଲା । ଯେଉଁଥିରେ ମାଲକାନଗିରି, କାଲିମେଳା ପଡିଆ ବ୍ଲକର ଅନେକ ଖେଳାଳି ଅଂଶଗ୍ରହଣ କରିଥିଲେ । ସମସ୍ତ ଖେଳାଳିଙ୍କ ପ୍ରତିଭା ଦେଖିଥିଲେ ଚୟନ କର୍ତ୍ତା । ଖେଳାଳିଙ୍କ ପ୍ରତିଭା ଦେଖି ମାଲକାନଗିରି ଜିଲ୍ଲା କ୍ରିକେଟ ଆସୋସିଏସନର ଚୟନ କର୍ତ୍ତା ମାନେ ଉପସ୍ଥିତ ରହି ୫ଟି ଦଳରେ ବିଭକ୍ତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୫ଟି ଦଳ ଖେଳିବେ । ପ୍ରତେକ ଦଳରେ ୧୪ ଜଣ ପୁରୁଷ ଖେଳାଳି ଏବଂ ଜଣେ ମହିଳା ଖେଳାଳିଙ୍କୁ ରଖାଯାଇଛି । ଆସନ୍ତା ଏପ୍ରିଲ ମାସ ୫ ତାରିଖରେ ଟୁର୍ଣ୍ଣାମେଣ୍ଟ ର ନିର୍ଣ୍ଣାୟକ ଫାଇନାଲ ମ୍ୟାଚ ଖେଳାଯିବ । ଆଜି ପ୍ରଥମ ଦିନରେ ରେଡ୍ ବୁଲ୍ ଏବଂ ପିଙ୍କ ପ୍ୟାନ୍ଥର ମଧ୍ୟରେ ଖେଳାଯାଉଛି । ଜିଲ୍ଲା କ୍ରିକେଟ ଆସୋସିଏସନ ଗ୍ରୀଷ୍ମ କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଛନ୍ତି । ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ଏମ ଡି ଫାରୁକ, ସମ୍ପାଦକ ହୃଦାନନ୍ଦ ସାହୁ (ବାବୁଲା ସାହୁ) ପୂର୍ବତନ ଭାରତୀୟ ପୁରୁଷ କିର୍କେଟ ଦଳର ମ୍ୟାନେଜର ସତବୀର ସିଂ ରିଆର, (ପପୁଭାଇ) ସହିତ ଓସିଏ ପ୍ୟାନେଲ ଅମ୍ପାୟାର ଆକାଶ ପ୍ରଧାନ, କୋଚ୍ ବିଶାଳ ମାଲାକାର, ପିଚ୍ କ୍ୟୁରେଟର ଜି. ରାମକୃଷ୍ଣ ରାଓ ସହିତ ମାଲକାନଗିରି ଜିଲ୍ଲା ଡିସିଏ ର ତମାମ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ତେବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ଆଗାମୀ ଦିନରେ ଜିଲ୍ଲାରୁ ଭଲ ଖେଳୁଥିବା ଖେଳାଳିଙ୍କ ପ୍ରତିଭାବାନ ଖେଳାଳି ଜିଲ୍ଲା ସହିତ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳି ନିଜର ପ୍ରତିଭା ପ୍ରଦର୍ଶନ କରିବା ସହିତ ଭବିଷ୍ୟତକୁ ଆଗେଇବା ପାଇଁ ଜିଲ୍ଲା କ୍ରିକେଟ ଆସୋସିଏସନର ଏହି ପ୍ରୟାସ । ତେବେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଏହି ଖେଳାଳି ମାନଙ୍କ ପାଇଁ ଭଲ ଖେଳ ପଡ଼ିଆଟିଏ ନାହିଁ । ଯେଉଁଥିପାଇଁ ପ୍ରଧାନିଗୁଡ଼ା ନୂତନ କ୍ରିକେଟ ଏକାଡେମୀ ପରିସରରେ ଥିବା ଖେଳ ପଡ଼ିଆକୁ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଯଥାଶୀଘ୍ର ନିର୍ମାଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

NTV NISHKARSHA
ନିଷ୍କର୍ଷ NISHKARSHA
ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗିକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ, ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ ସର୍ଚ୍ଚ କରନ୍ତୁ
nishkarsha.com

# ଆଇପିଏଲରୁ ଓହରିଲେ ବେନ ଡକେଟ୍




**ମୁମ୍ବାଇ(ଏଜେନ୍ସି) :** ଇଂଲଣ୍ଡ କ୍ରିକେଟ ଟିମର ବ୍ୟାଟର ବେନ ଡକେଟ୍ ଆଇପିଏଲ ୨୦୨୬ରୁ ଓହରି ଯାଇଛନ୍ତି । ମିନି ଅକ୍ସନ ବେଳେ ତାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୨ କୋଟି ଟଙ୍କାରେ କିଣିଥିଲା । ହେଲେ ଆଇପିଏଲ ଆରମ୍ଭ ହେବାର ଠିକ ପୂର୍ବରୁ ସେ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି । ଏ ସମ୍ପର୍କରେ ସେ ଦିଲ୍ଲୀ କ୍ୟାପିଟାଲ୍ସକୁ ମଧ୍ୟ ଜଣାଇ ଦେଇଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୨ କୋଟି ଟଙ୍କାରେ କିଣିଥିବାରୁ ଚଳିତ ଆଇପିଏଲରେ ସେ କେଏଲ ରାହୁଲଙ୍କ ସହ ଇନିଂସ ଆରମ୍ଭ କରିବେ ବୋଲି କୁହାଯାଉଥିଲା । ଅକ୍ସନରେ କିଣା ହେବା ପରେ ଆଇପିଏଲରୁ ଓହରି ଯିବା ଡକେଟକୁ ବେଶ ମହଙ୍ଗା ପଡ଼ିବ । ଆଇପିଏଲ ଅଧିକାରୀମାନେ ତାଙ୍କୁ ୨ ବର୍ଷ ପାଇଁ ବ୍ୟାନ ମଧ୍ୟ କରିପାରନ୍ତି । ଓହରିବା ନିଷ୍ପତ୍ତି ସାର୍ବଜନୀନ କରିବା ପୂର୍ବରୁ ଡକେଟ ଦିଲ୍ଲୀର ସମସ୍ତ ସଦସ୍ୟଙ୍କୁ କ୍ଷମା ମଧ୍ୟ ମାଗିଛନ୍ତି । ସେ କହିଛନ୍ତି, "ଆଇପିଏଲରେ ଓହରିବା ଭଳି ଗୋଟିଏ ଅତ୍ୟନ୍ତ କଷ୍ଟକର ନିଷ୍ପତ୍ତି ମୁଁ ନେଇଛି । ମୁଁ ଅନେକ କିଛି ଭାବିବା ପରେ ଏପରି ପଦକ୍ଷେପ ଗ୍ରହଣ କରିଛି । ଏହା ମୋ ପାଇଁ ଆଦୌ ସହଜ ନଥିଲା । ଇଂଲଣ୍ଡ ପାଇଁ ପ୍ରତିନିଧିତ୍ୱ କରିବା ପିଲାଟି ବେଳୁ ମୋର ସ୍ୱପ୍ନ ରହିଥିଲା । ଇଂଲିଶ କ୍ରିକେଟକୁ ମୋ ପାଖରେ ଯାହା ଅଛି ସବୁବେଳେ ଦେବାକୁ ଚେଷ୍ଟା କରିଛି । ଏଥିପାଇଁ ମୋତେ ନିଜକୁ ଶାରିରୀକ ଓ ମାନସିକ ଭାବେ ଆଗାମୀ ଦିନ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ । ଦିଲ୍ଲୀରେ ଥିବା ସମସ୍ତଙ୍କୁ ମୁଁ ବେଶ ନମ୍ରତାର ସହ କ୍ଷମା ମାଗୁଛି । ଏହି ଫ୍ରାଞ୍ଚାଇଜ ପାଇଁ ମୁଁ ବେଶ ଉତ୍ସାହିତ ଥିଲି । ସ୍କିଡ଼ିଂ ସ୍କ୍ୱାଡ ପାଇଁ ଦିଆଯାଇଥିବା ସମୟ ଓ ଯୋଜନାକୁ ମୁଁ ବେଶ ଭଲ ଭାବେ ଗ୍ରହଣ କରୁଛି । ମୋ ପାଇଁ ହୋଇଥିବା ସମସ୍ତ ପ୍ରକାରର ବିଭ୍ରାଟ ସକାଶେ ମୁଁ ଦୁଃଖିତ । ମୁଁ ମୋର ସମସ୍ତ ଫ୍ୟାନ୍ସକୁ ମଧ୍ୟ କ୍ଷମା ମାଗୁଛି ।" ଆଶେସ ସିରିଜରେ ଡକେଟ ୨୦.୨ ହାରରେ କେବଳ ୨୨୧ ରନ କରିଥିଲେ । ସେ ଇଂଲଣ୍ଡ ଟି-୨୦ ସ୍କ୍ୱାଡରେ ରହିଥିଲେ ହେଁ ଗୋଟି ବି ମ୍ୟାଚ୍ ଖେଳି ନଥିଲେ । ଖରାପ ଫର୍ମ ଦେଇ ଗତି କରୁଥିବାରୁ ସେ ନିଜର ଅଭ୍ୟାସକୁ ଆହୁରି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଇପିଏଲରୁ ଓହରି ଯାଇଛନ୍ତି ।

# ଓସିଏ ଅମ୍ପାୟରିଂରେ ସାମିଲ ହେଲେ ଆଶିଷ ରାଉତ



**ଚୌଦ୍ୱାର(ଏନ୍.ଏମ୍.) :** କ୍ରିକେଟ ଖେଳକୁ ରାଜ୍ୟରେ ପ୍ରସାର କରାଇବାର ମୁଖ୍ୟ ଦାୟିତ୍ୱ ନେଇଥିବା ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ପାନେଲିଷ୍ଟ ଅମ୍ପାୟର ଭାବେ ଚୌଦ୍ୱାର ଅଞ୍ଚଳର ଆଶିଷ ରାଉତ ମନୋନିତ ହୋଇଛନ୍ତି । ସେ ଓସିଏ ଅମ୍ପାୟାରିଂ ସେମିନାର ୨୦୨୫-୨୬ରେ ଉତୀର୍ଣ୍ଣ ହୋଇ କଟକ ଜିଲ୍ଲା ତଥା ଚୌଦ୍ୱାର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି । ୨୦୨୫ ମସିହା ଜୁନ ମାସରେ ଏଥିପାଇଁ ଓସିଏ ଏକ ପରୀକ୍ଷାର ଆୟୋଜନ କରିଥିବାବେଳେ ସାରା ଓଡ଼ିଶାରୁ ୩୫ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିଲେ । ତେବେ ଏହି ପାନେଲିଷ୍ଟ ପାଇଁ ୩ଟି ସୋପାନରେ ପରୀକ୍ଷା ହୋଇଥିଲା । ପ୍ରଥମେ ଲିଖିତ ପରୀକ୍ଷା ହୋଇଥିବାବେଳେ ଦ୍ୱିତୀୟରେ ଭାଇବା ଓ ତୃତୀୟରେ ପ୍ରାଟିକାଲ ପରୀକ୍ଷା କରାଯାଇଥିଲା । ଏଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାର ୧୫୦ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିବାବେଳେ ଆଶିଷ ୬୭ ପ୍ରତିଶତ ନମ୍ବର ରଖି ୨୧ତମ ସ୍ଥାନ ହାସଲ କରିଥିଲେ । ଆଗାମୀ ଦିନରେ ଓସିଏ ଦ୍ୱାରା ପରିଚାଳିତ ଅଣ୍ଡର ୧୬ ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଅମ୍ପାୟାରିଂ କରିବାର ସୁଯୋଗ ମିଳିବ ବୋଲି ଜଣାପଡ଼ିଛି । କଟକ ଜିଲ୍ଲା ଚୌଦ୍ୱାର ଓଟିଏମ କଲୋନୀ ଓ୍ୱାର୍ଡ଼ ନମ୍ବର ୧୧ର ବାସିନ୍ଦା କ୍ଷୀରୋଦ ରାଉତଙ୍କ ପୁଅ ଆଶିଷ ପିଲାଟି ଦିନରୁ କ୍ରିକେଟ ଖେଳ ପାଇଁ ରୁଚି ରଖିଥିଲେ । ଏପରିକି ବୟସ ବଢ଼ିବା ସାଙ୍ଗକୁ ସେ ଭଲ କ୍ରିକେଟର ଭାବେ ଅଞ୍ଚଳରେ ବେଶ ପରିଚିତ ହୋଇପାରିଥିଲେ । ସେ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ କଟକ ଜିଲ୍ଲା ପାଇଁ କ୍ରିକେଟ ଖେଳି ବେଶ ସୁନାମ ଅର୍ଜନ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି । ବିଶେଷ କରି ଚୌଦ୍ୱାର ଆମ୍ବିସନ କ୍ଲବ ପକ୍ଷରୁ ଆଶିଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଶୁଭେଚ୍ଛା ଅର୍ପଣ କରାଯାଇଛି । ଏଥିସହିତ ପୂର୍ବତନ କାଉନସିଲର ମନୋଜ ମହାନ୍ତି, ପୂର୍ବତନ କ୍ରିକେଟର ଅମିତ କୁମାର ବେଉରା, ଦିବ୍ୟରଞ୍ଜନ ମଲ୍ଲ, ସାମ୍ବାଦିକ ତପନ କୁମାର ସାହୁ, ଜଗନ୍ନାଥ ଜେନା, ଶ୍ରମିକ ପରିବାର ଯୁବକ ସଂଘ କର୍ମକର୍ତ୍ତା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ